ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୪ ଜୁଲାଇ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 24 JULY 2020

Vol.No. 30 ■ No. 185 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମଣିପୁର ଜଳଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଲକ୍ଷ ଲକ୍ଷ ଲୋକ ଏହି ପ୍ରକଳ୍ପ ଦ୍ୱାରା ନିଜ ଘରେ ସ୍ୱଚ୍ଛ ପାନୀୟଜଳର ସୁବିଧା ପାଇବେ

ନୂଆଦିଲ୍ଲୀ,୨୩।୭ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଏକ ଭିଡିଓ କନ୍?ଫରେନ୍ସ ବ୍ୟବସ୍ଥା ମାଧ୍ୟମରେ ମଣିପୁର ଜଳଯୋଗାଣ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ଉଦ୍?ବୋଧନ ଦେଇ ସେ କହିଛନ୍ତି ଯେ ସାରା ଦେଶ ଏବେ କୋଭିଡ-୧୯ ବିରୋଧରେ ନିରନ୍ତର ଲଢେଇ ଜାରି ରଖିଥିବାବେଳେ ପୂର୍ବ ଏବଂ ଉତରପୂର୍ବ ଭାରତ ଦ୍ୱୈତ ଆହ୍ୱାନର ସମ୍ମୁଖୀନ ହୋଇଛି । କରୋନା ସହିତ ଏବେ ଏ ଅଂଚଳରେ ବର୍ଷା ଓ ବନ୍ୟା ବିପାତ ଦେଖାଦେଇଛି । ବନ୍ୟା ଓ ବର୍ଷା ଫଳରେ ଅନେକ ଲୋକ ବାସହୀନ ହେଉଥିବାବେଳେ ବିଭିନ୍ନ ସ୍ଥାନରେ ଜୀବନହାନୀ ମାନ ଘଟୁଛି । ସେ କହିଛନ୍ତି ଯେ ଲକ୍?ଡାଉନ କାଳରେ ମଣିପୁର ସରକାର ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରିଥିଲେ । ପ୍ରବାସୀ ଶ୍ରମିକମାନଙ୍କୁ ଫେରାଇ ଆଣିବାକୁ ରାଜ୍ୟ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଇଥିଲେ । ମଣିପୁରର ୨୫ ଲକ୍ଷ ଦରିଦ୍ର ଲୋକଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଖାଦ୍ୟଶସ୍ୟ ଯୋଗାଇ ଦିଆଯାଇଛି । ସେହିଭଳି ରାଜ୍ୟରେ ୧.୫ ଲକ୍ଷ ମହିଳାଙ୍କୁ ଉଜ୍ଜ୍ୱଳା ଯୋଜନାରେ ମାଗଣା ରୋଷେଇ ଗ୍ୟାସ୍? ସିଲିଣ୍ଡର ପ୍ରଦାନ କରାଯାଇଛି । ଜଳଯୋଗାଣ ପ୍ରକଳ୍ପ ସଂପର୍କରେ ସୂଚନା ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ୩ ହଜାର କୋଟି ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ପ୍ରକଳ୍ପ ଦ୍ୱାରା ରାଜ୍ୟର ଜଳସଂକଟ ଦୂର ହେବ । ଏହାଦ୍ୱାରା ମହିଳାମାନେ ବିଶେଷଭାବେ ଉପକୃତ ହେବେ ଏବଂ ସେମାନଙ୍କୁ ଜଳ ଚିନ୍ତାରୁ ବଡ ଆଶ୍ୱସ୍ତି ମିଳିବ । ଶ୍ରୀ ମୋଦୀ କହିଛନ୍ତି ଯେ ଗ୍ରେଟର ଇମ୍ଫାଲ ସହରକୁ ଜଳଯୋଗାଣ ସହିତ ଏହି ଯୋଜନାରେ ରାଜ୍ୟର ୨୫ଟି କ୍ଷୁଦ୍ର ସହର ଏବଂ ୧୭୦୦ ଗ୍ରାମକୁ ପାନୀୟ ଜଳଯୋଗାଣ ସୁବିଧା ଯୋଗାଇ ଦିଆଯିବ । ଆସନ୍ତା ୨୦ ବର୍ଷର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ପ୍ରକଳ୍ପର ଡିଜାଇନ ପ୍ରସ୍ତୁତ କରାଯାଇଛି । ଏହି ପ୍ରକଳ୍ପ ଦ୍ୱାରା ନିୟୁତ ନିୟୁତ ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳର ସୁବିଧା ନିଜ ଘରେ ମିଳିବ ଏବଂ ଏହାଦ୍ୱାରା ହଜାର ହଜାର ଲୋକ ନିଯୁକ୍ତି ସୁବିଧା ପାଇବେ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଗତବର୍ଷ ଆରମ୍ଭ ହୋଇଥିବା ଜଳ ଜୀବନ ମିଶନ ମାଧ୍ୟମରେ ୧୫ କୋଟି ଘରକୁ ପାଇପ ଯୋଗେ ଜଳ ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି । ଏବେ ଏହି ଯୋଜନାରେ ପ୍ରତିଦିନ ଏକଲକ୍ଷ ଘରକୁ ପାଇପ ଜଳ ସଂଯୋଗ ସୁବିଧା ଦିଆଯାଉଛି । ଏଥିରେ ଜନସାଧାରଣଙ୍କର ସହଯୋଗ ରହିଛି । ସେ କହିଛନ୍ତି ଯେ ଉତମ ଜୀବନ ଧାରଣ ପାଇଁ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଣ ଅପରିହାର୍ଯ୍ୟ । ଏହା ଯେତେ ସହଜ ହେବ ଲୋକଙ୍କ ଜୀବନ ଧାରଣର ମାନ ସେତେ ବଢିବ । ଭଲରେ ବଂଚିବା ଏବଂ ଏଥିପାଇଁ ସୁବିଧା ପାଇବା ଗରିବଙ୍କ ସମେତ ସମସ୍ତଙ୍କର ଏକ ଅଧିକାର । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଜୀବନ ଧାରଣକୁ ସହଜ କରି ଏହାର ମାନରେ ଉନ୍ନତି ଆଣିବା ପାଇଁ ଗତ ୬ ବର୍ଷ ମଧ୍ୟରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଗରିବ ଲୋକଙ୍କ ▶▶ପୃଷ୍ଠା ୭

ଘରକୁ ଘର ସର୍ଭେ ହେଉଥିବାରୁ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି : ବିବ୍ରତ ନହେବାକୁ ପରାମର୍ଶ

ଭୁବନେଶ୍ୱର,୨୩।୭ (ନି.ପ୍ର): ଘରକୁ ଘର ବୁଲି ସ୍ୱାସ୍ଥ୍ୟକର୍ମୀମାନେ ସର୍ଭେ କରୁଛନ୍ତି ଓ ଲକ୍ଷଣ ଥିବା ରୋଗୀଙ୍କୁ ଚିହ୍ନଟ କରୁଛନ୍ତି ତେଣୁ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି । ତେଣୁ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ନେଇ ରାଜ୍ୟବାସୀ ଚିନ୍ତା କରନ୍ତୁ ନାହିଁ । ରାଜ୍ୟର ସମସ୍ତ ଲକ୍ଷଣ ଥିବା ରୋଗୀଙ୍କୁ ଯଦି ଚିହ୍ନଟ କରିବାରେ ଆମେ ସକ୍ଷମ ହୋଇ ପାରିବା ତେବେ ଖୁବ୍ ଶୀଘ୍ର ରୋଗ ଉପରେ ନିୟନ୍ତ୍ରଣ ପାଇପାରିବା ବୋଲି ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ପ୍ରକାଶ କରିଛନ୍ତି । ଗୁରୁବାର ଭୁବନେଶ୍ୱରର ଗୀତଗୋବିନ୍ଦ ସଦନରେ ଆୟୋଜିତ ଏକ ସ୍ୱତନ୍ତ୍ର ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ, ରାଜ୍ୟରେ ସ୍ୱାସ୍ଥ୍ୟ ଭିତିଭୂମି ସୁଦୃଢ଼ ରହିଛି । କୋଭିଡ୍ ମୁକାବିଲା ପାଇଁ ଆଗାମୀ ୪ ମାସ ନିମନ୍ତେ ରାଜ୍ୟରେ ଆବଶ୍ୟକୀୟ ଔଷଧ ଓ ଉପକରଣ ଯଥେଷ୍ଟ ପରିମାଣରେ ମହଜୁଦ ଅଛି । ରାଜ୍ୟରେ କୋଭିଡ୍ ଆରୋଗ୍ୟ ହାର ଉତ୍ସାହଜନକ ରହିଛି ଏବଂ ମୃତ୍ୟୁହାର ଜାତୀୟ ହାର ତୁଳନାରେ କମ ରହିଛି । କୋଭିଡ୍ ପଜିଟିଭ୍ ରୋଗୀମାନଙ୍କୁ ତୁରନ୍ତ ଚିହ୍ନଟ କରାଯାଇ ଆବଶ୍ୟକୀୟ ଚିକିତ୍ସା କରାଗଲେ ହିଁ କୋଭିଡ୍ ବିରୋଧରେ ସଂଗ୍ରାମ ଅଧିକ ସଶକ୍ତ ହୋଇପାରିବ । ତେଣୁ ଲକ୍ଷଣ ଥିବା ଲୋକମାନେ ସ୍ୱେଚ୍ଛାକୃତ ଭାବେ ପରୀକ୍ଷା ନିମନ୍ତେ ଆଗେଇ ଆସିବାକୁ ଅନୁରୋଧ କରାଯାଇଛି । ଏହା କୋଭିଡ୍ ପ୍ରତିରୋଧ ପାଇଁ ବିଶେଷ ଭାବେ ସହାୟକ ହେବ । ସେହିପରି ପ୍ଲାଜ୍‌ମା ଥେରାପି ମାଧ୍ୟମରେ କୋଭିଡ୍ ଚିକିତ୍ସା ସଫଳତା ହାସଲ କରିଛି । ▶▶ପୃଷ୍ଠା ୭

ଲେହର ଦିହାରଠାରେ ଡିଆରଡିଓ ଯୋଗାଇଲା କୋଭିଡ-୧୯ ପରୀକ୍ଷା ସୁବିଧା

ନୂଆଦିଲ୍ଲୀ,୨୩।୭ (ନି.ପ୍ର): ଲଦାଖ ଅଂଚଳରେ କରୋନା ମାମଲାଗୁଡିକର ଚିହ୍ନଟ ପାଇଁ ଲେହର ଅତି ଉଚ୍ଚ ଗବେଷଣା କେନ୍ଦ୍ର ଦିହାରଠାରେ ପ୍ରତିରକ୍ଷା ଗବେଷଣା ବିକାଶ ସଂଗଠନ ପକ୍ଷରୁ ଏକ କୋଭିଡ-୧୯ ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି । ଏହି ପରିକ୍ଷା ଯୋଗୁଁ କେନ୍ଦ୍ରଶାସିତ ଅଂଚଳ ଲଦାଖରେ ସଂକ୍ରମିତଙ୍କ ଉପରେ ନଜର ରଖାଯାଇପାରିବ । ଆଇସିଏମଆର ପକ୍ଷରୁ ପ୍ରଦତ୍ତ ମାର୍ଗଦର୍ଶିକା ଅନୁଯାୟୀ ଏହି କେନ୍ଦ୍ର ସ୍ଥାପନ କରାଯାଇଛି । ଲଦାଖର ଉପରାଜ୍ୟପାଳ ଶ୍ରୀ ଆର.କେ.ମାଥୁର ଏହି କେନ୍ଦ୍ରର ଉଦ୍ଘାଟନ କରିଛନ୍ତି । ଦିହାରସ୍ଥିତ ଏହି କେନ୍ଦ୍ରରେ ଦୈନିକ ୫୦ଟି ପର୍ଯ୍ୟନ୍ତ ନମୁନା ପରୀକ୍ଷା କରାଯାଇପାରିବ । ଏହି କେନ୍ଦ୍ର ପକ୍ଷରୁ କୋଭିଡ ପରୀକ୍ଷା ପାଇଁ ଲୋକଙ୍କୁ ତାଲିମ ଦିଆଯାଇପାରିବ । ଏହାଛଡା ଅନ୍ୟାନ୍ୟ ଜୈବିକ ଓ ପଶୁ ସମ୍ପଦ ରୋଗ ସମ୍ପର୍କରେ ଗବେଷଣା ମଧ୍ୟ କରାଯାଇପାରିବ । ଏହି କେନ୍ଦ୍ର ଉଦ୍ଘାଟନ କରିବା ଅବସରରେ ଉପରାଜ୍ୟପାଳ ଶ୍ରୀ ମାଥୁର କୋଭିଡ-୧୯ ପରିଚାଳନା ଦିଗରେ ଡିଆରଡିଓର ଭୂମିକାକୁ ପ୍ରଶଂସା କରିବା ସହ ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗ ଏବଂ ଡିଆରଡିଓ ଅଧ୍ୟକ୍ଷ ଡଃ ଜି. ସତିଶ ରେଡ୍ଡୀଙ୍କୁ ଧନ୍ୟବାଦ ଜଣାଇଥିଲେ । ଶ୍ରୀ ମାଥୁର ପରୀକ୍ଷା କେନ୍ଦ୍ର ମଧ୍ୟ ବୁଲି ଦେଖିବା ସହ ପରୀକ୍ଷାଗାର ସହିତ ସଂଶ୍ଳିଷ୍ଟ ଗବେଷକ ଓ ସ୍ୱାସ୍ଥ୍ୟକର୍ମୀମାନେ ଯେପରି ସୁରକ୍ଷିତ ରହନ୍ତି ସେଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଦିହାରର ନିର୍ଦ୍ଦେଶକ ଡଃ ଓ.ପି.ଚୌରାସିୟା, ବ୍ରିଗେଡିୟର ଜେ.ବି.ସିଂହ, ଏନଆରଆଇଏସଆରର ନିର୍ଦ୍ଦେଶକ ଡଃ ପଦ୍ମା ଗୁରମିତ, ଲେହସ୍ଥିତ ଏସଏନଏମ ହସ୍ପିଟାଲର ଡାକ୍ତରୀ ବିଶେଷଜ୍ଞ, ବରିଷ୍ଠ ସେନାଧିକାରୀ ଓ ଡିଆରଡିଓର ବୈଜ୍ଞାନିକଗଣ ଉପସ୍ଥିତ ଥିଲେ । ଦିହାର ହେଉଛି ଡିଆରଡିଓର ଏକ ପ୍ରମୁଖ ଜୀବବିଜ୍ଞାନ ପରୀକ୍ଷାଗାର । ଏହି ପରୀକ୍ଷାଗାର ଔଷଧୀୟ ଓ ସୁବାଷିତ ଗୁଳ୍ମରାଜିଗୁଡିକୁ ଚିହ୍ନଟ କରି ଏହାକୁ ପ୍ରତିରକ୍ଷାର ବିଭିନ୍ନ କାର୍ଯ୍ୟରେ ଲଗାଇବା ସହ ଅତି ଉଚ୍ଚ ଅଂଚଳ ଓ ଅତ୍ୟଧିକ ଥଣ୍ଡା ସ୍ଥାନରେ ସବୁଜ ବଳୟ ସୃଷ୍ଟି କରିବାରେ ସାହାଯ୍ୟ କରେ ।

ରାଜ୍ୟରେ ଗୋଟିଏ ଦିନରେ ୧୨୭୪କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୨୧୦୯୯କୁ ବୃଦ୍ଧି



ଭୁବନେଶ୍ୱର,୨୩।୭ (ନି.ପ୍ର): ରାଜ୍ୟରେ ଆଜି ଆଉ ୧୦୭୮ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୨୧୦୯୯ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୧୨୬୪ ଜଣଙ୍କ ମଧ୍ୟରୁ ୮୪୭ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୪୧୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ଜିଲ୍ଲାରେ ସବୁଠାରୁ ଅଧିକ ୫୪୦ ଟି ନୂଆ ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୭ , ବାଲେଶ୍ୱର ଜିଲ୍ଲାରେ ୯ ଜଣ, ବରଗଡ ଜିଲ୍ଲାରେ ୨୪, ଭଦ୍ରକ ଜିଲ୍ଲାରେ ୩୦ , ବଲାଙ୍ଗୀର ଜିଲ୍ଲାରେ ୧. ବୌଦ୍ଧ ଜିଲ୍ଲାରେ ୨, କଟକ ▶▶ପୃଷ୍ଠା ୭

ରାଜ୍ୟରେ ଆଉ ୬ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୦୮ ହେଲା

ଭୁବନେଶ୍ୱର, ୨୩ ଜୁଲାଇ – ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୬ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୧୪ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ପାଂଚ ଜଣ ଗଂଜାମ ଜିଲ୍ଲାର ହୋଇଥିବା ଜଣେ ଖୋର୍ଧା ଜିଲ୍ଲାର ଅଛନ୍ତି । ମୃତକଙ୍କ ମଧ୍ୟରେ ଦୁଇ ଜଣ ମହିଳା ରହିଥିବା ଜଣା ପଡିଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାର ୪୧ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ହାଇପରଟେନସନ ରୋଗରେ ପୀଡିତ ଥିଲେ । ▶▶ପୃଷ୍ଠା ୭

୨୦ ଜିଲ୍ଲାରେ ନଦୀବନ୍ଧ ଦୁର୍ବଳ

ଭୁବନେଶ୍ୱର,୨୩।୭ (ନି.ପ୍ର): ରାଜ୍ୟର ୨୦ଟି ଜିଲ୍ଲାର ୪୯ଟି ସ୍ଥାନରେ ନଦୀବନ୍ଧ ଦୁର୍ବଳ ରହିଛି ବୋଲି ସୂଚନା ଦେଇଛନ୍ତି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଜ୍ୟୋତିର୍ମୟ ରଥ । ସେ କହିଛନ୍ତି ଯେ ପୁରୀ ଜିଲ୍ଲାରେ ସର୍ବାଧିକ ଆଠଟି ସ୍ଥାନରେ ନଦୀବନ୍ଧ ଦୁର୍ବଳ ରହିଛି । ଦୁର୍ବଳ ସ୍ଥାନରେ ବିଭାଗୀୟ କର୍ମଚାରୀ ସଜାଗ ଅଛନ୍ତି । ବାଲିବସ୍ତା, ବଲ୍‌ହା, ବାଉଁଶ ପ୍ରଭୃତି ମହଜୁଦ ରଖାଯାଇଛି । ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ନିୟମିତ ସ୍ଥିତିର ସମୀକ୍ଷା କରୁଛନ୍ତି । ୨୦୦୮ ମସିହାରେ ଜଳସମ୍ପଦ ବିଭାଗ ପ୍ରସ୍ତୁତ କରିଥିବା ଗାଇଡ୍ ଲାଇନ୍ ଅନୁଯାୟୀ ବିପଦପୂର୍ଣ୍ଣ ଦୁର୍ବଳ ନଦୀବନ୍ଧର ମରାମତି କରାଯାଉଛି ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟଯେ ରାଜ୍ୟର ୧୧ଟି ଉପତ୍ୟକାରେ ୭,୪୭୦ କିଲୋମିଟର ନଦୀବନ୍ଧ ଅଛି । ଏପ୍ରିଲରୁ ଜୁନ ୧୨ ଭିତରେ ବିଭାଗୀୟ ଅଧିକାରୀ ସବୁ ତଦାରଖ ହୋଇଛି । ସବୁ ସ୍ତରରେ କଂଟ୍ରୋଲ ରୁମ ମଇ୧୬ରୁ ଖୋଲା ଯାଇଛି ।

ଭାରତୀୟ ସେନାରେ ମହିଳା ଅଧିକାରୀମାନଙ୍କୁ ସ୍ଥାୟୀ କମିଶନ ମଞ୍ଜୁର

ନୂଆଦିଲ୍ଲୀ, ୨୩ ଜୁଲାଇ (ହି.ସ.) ପ୍ରତିରକ୍ଷା ମନ୍ତ୍ରଣାଳୟ ଆଜି ଭାରତୀୟ ସେନାରେ ମହିଳା ଅଧିକାରୀମାନଙ୍କୁ ବିଧିବଦ୍ଧ ଭାବେ ପରମାନେଣ୍ଟ କମିଶନ(ପିସି) ପ୍ରଦାନ ପୂର୍ବକ ସରକାରୀ ମଞ୍ଜୁରି ପତ୍ର ଜାରି କରିଛନ୍ତି । ଏହାଫଳରେ ମହିଳା ଅଧିକାରୀମାନେ ଅଧିକ ସଶକ୍ତ ହେବା ସହ ସଙ୍ଗଠନରେ ବୃହତ ଭୂମିକା ଗ୍ରହଣ କରିପାରିବେ । ଏହି ଆଦେଶରେ ସର୍ଟ ସର୍ଭିସ କମିଶନ(ଏସଏସସି)ରେ ଥିବା ଭାରତୀୟ ସେନାର ବାୟୁ ପ୍ରତିରକ୍ଷା(ଏଏଡି) ସିଗନାଲ, ଇଞ୍ଜିନିୟର୍ସ, ଆର୍ମୀ ଆଭିଏସନ, ଇଲେକ୍ଟ୍ରୋନିକ୍ସ ଏଣ୍ଡ ମେକାନିକାଲ ଇଞ୍ଜିନିୟର(ଇଏମଇ), ଆର୍ମୀ ସର୍ଭିସ କୋର(ଏଏସସି), ଆର୍ମୀ ଆର୍ଡିନାନ୍ସ କୋର(ଏଓସି) ଏବଂ ଇଣ୍ଟେଲିଜେନ୍ସ କୋର ଇତ୍ୟାଦିର ମହିଳା ଅଧିକାରୀମାନଙ୍କୁ ପରମାନେଂଟ କମିଶନ ଦିଆଯାଇଛି । ଏହାଛଡା ଆର୍ମୀ ଏଜୁକେସନ କୋର(ଏଇସି), ବିଚାରପତି ବା ମହାଅଧିବକ୍ତାରେ ଥିବା ମହିଳା ଅଧିକାରୀମାନେ ମଧ୍ୟ ପରମାନେଣ୍ଟ କମିଶନ ପାଇବେ । ସେନାମୁଖ୍ୟାଳୟ ଏଥିପାଇଁ ଏକ ପରମାନେଂଟ କମିଶନ ସିଲେକ୍ସନ ବୋର୍ଡ ଗଠନ କରିଛି । ଏଥିରେ ମହିଳା ଅଧିକାରୀମାନଙ୍କର ଆନୁସଙ୍ଗିକ କାଗଜପତ୍ର କାର୍ଯ୍ୟ ସମାପିତ ହେବ । ଭାରତୀୟ ସେନା ଦେଶ ରକ୍ଷାରେ ନିୟୋଜିତ ମହିଳା ଆଧିକାରୀଙ୍କ ସମେତ ସମସ୍ତଙ୍କୁ ସମାନ ସୁବିଧା ଦେବାପାଇଁ ଅଙ୍ଗୀକାରବଦ୍ଧ ବୋଲି ସେନା ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ।

ବ୍ରହ୍ମପୁର, ଭୁବନେଶ୍ୱରରେ ଖୋଲିବ ପ୍ଲାଜମା ବ୍ୟାଙ୍କ୍

ପ୍ଲାଜମାଦାତାଙ୍କ ଖର୍ଚ୍ଚ ବହନ କରିବେ ସରକାର

ଭୁବନେଶ୍ୱର,୨୩।୭ (ନି.ପ୍ର): ରାଜ୍ୟରେ ଖୋଲିବ ଆଉ ଦୁଇଟି ପ୍ଲାଜମା ବ୍ୟାଙ୍କ୍ । ବ୍ରହ୍ମପୁରର ଏମକେସିଜି ଓ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ପ୍ଲାଜମା ବ୍ୟାଙ୍କ୍ ଖୋଲାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି । ଏହାସହ କରୋନାରୁ ସୁସ୍ଥ ହୋଇଥିବା ବ୍ୟକ୍ତି ଚିକିତ୍ସିତ ରୋଗୀଙ୍କ ପାଇଁ ପ୍ଲାଜମା ଦାନ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ ପ୍ଲାଜମା ଦାନ କରିବାକୁ ଆସୁଥିବା ବ୍ୟକ୍ତିଙ୍କର ସମସ୍ତ ଖର୍ଚ୍ଚ ସରକାର ବହନ କରିବେ । କଟକରେ ସେମାନଙ୍କର ରହଣୀ ବ୍ୟବସ୍ଥା କରାଯିବା ସହ ଅନ୍ୟାନ୍ୟ ଖର୍ଚ୍ଚ ବହନ କରାଯିବ । ସେହିପରି ପ୍ଲାଜମାଦାତାଙ୍କୁ ସରକାରଙ୍କ ପକ୍ଷରୁ ପ୍ରଶଂସା ପତ୍ର ପ୍ରଦାନ କରାଯିବ ବୋଲି ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି ।

ସ୍ୱଦେଶୀ ଉତ୍ପାଦନ ବଢାଇବା ପାଇଁ ସରକାର ସାର ଉଦ୍ୟୋଗକୁ ପୁର୍ନଜୀବିତ କରୁଛନ୍ତି

ନୂଆଦିଲ୍ଲୀ, ୨୩ ଜୁଲାଇ (ହି.ସ.) କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀ ଶ୍ରୀ ଡି.ଭି. ସଦାନନ୍ଦ ଗୌଡ଼ା କହିଛନ୍ତି ଯେ ଚାଷୀଙ୍କୁ ଫସଲ ବୁଣାବୁଣି ସମୟରେ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇ ଦେବାପାଇଁ ଏନ୍?ଡିଏ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ସେଥିମଧ୍ୟରେ ସ୍ୱଦେଶୀ ଉତ୍ପାଦନ ବଢାଇବା ପାଇଁ ସରକାରୀ ସାର ଉଦ୍ୟୋଗଗୁଡିକୁ ପୁନର୍ଜୀବିତ କରାଯାଉଛି । ୨୦୧୨ ନୂଆ ନିବେଶ ନୀତି ଏବଂ ୨୦୧୪ ସଂଶୋଧନ ଅନୁସାରେ ଚମ୍ବଲ ଫର୍ଟିଲାଇଜର ଏଣ୍ଡ କେମିକାଲ୍ସ ଲିମିଟେଡ (ସିଏଫସିଏଲ୍?) ରାଜସ୍ଥାନର ଗଡ଼ପୋନଠାରେ ଏକ ପୁରୁଣା ସାର ପ୍ରକଳ୍ପକୁ ପୁନଃ କାର୍ଯ୍ୟକ୍ଷମ କରିଛି । ବର୍ଷକୁ ୧୨.୭ ଲକ୍ଷ ମେଟ୍ରିକ ଟନ ୟୁରିଆ ଉତ୍ପାଦନ କରିବାର କ୍ଷମତା ଏହି କାରଖାନାର ରହିଛି । ଏହି କାରଖାନାରୁ ୨୦୧୯ ଜାନୁୟାର

ପ୍ରିୟବ୍ରତ ପଟ୍ଟନାୟକଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର, ୨୩/୭ (ନି.ପ୍ର.): ୧୯୭୬ ବ୍ୟାଚର ଅବସରପ୍ରାପ୍ତ ବରିଷ୍ଠ ଆଇଏଏସ୍ ଅଧିକାରୀ ପ୍ରିୟବ୍ରତ ପଟ୍ଟନାୟକଙ୍କ ବିୟୋଗରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତା ମାଧ୍ୟମରେ ସେ କହିଛନ୍ତି, ଓଡିଶା ଜଣେ ଦକ୍ଷ ପ୍ରଶାସକଙ୍କୁ ହରେଇଛି। ସ୍ୱର୍ଗତ ପ୍ରିୟବ୍ରତ ବାବୁ ଏକ ଭିନ୍ନ କିସମର ପ୍ରଶାସନିକ ଅଧିକାରୀ ଥିଲେ। ସେ ଅତି ବୁଦ୍ଧିମାନ ସାହାସ ମନୋବୃତ୍ତିର ଜଣେ ଦକ୍ଷ ଅଫିସର ଥିଲେ। ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ସେ ତୁରନ୍ତ ପଦକ୍ଷପ ନେଉଥିଲେ। ତାଙ୍କ ସମୟରେ ରାଜ୍ୟରେ ଅନେକ ଗୁଡିଏ ଲୋକ ହିତକର କାର୍ଯ୍ୟ ହୋଇଛି। ଓଡ଼ିଶା ଜୁଡୋ ଆସୋସିଏନର ସେ ସଭାପତି ରହିଥିଲେ। ଭୁବନେଶ୍ୱର କ୍ଲବର ମଧ୍ୟ ସଭାପତି ଥିଲେ। ସ୍ୱର୍ଗତ ପ୍ରିୟବ୍ରତ ବାବୁଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ପାର୍ଥନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି ପିସିସି ସଭାପତି ଶ୍ରୀ ପଟ୍ଟନାୟକ।

ବାସୁଦେବପୁରରେ ସଟଡାଉନ୍ ନିୟମକୁ ଫୁ

ଭଦ୍ରକ, ୨୩/୭ (ହି.ସ.) - କରୋନା ମହାମାରୀ ସାରା ପୃଥିବୀରେ ତାର କାୟା ବିସ୍ତାର କରିଚାଲିଛି। ସେଥିରୁ ଆମ ଦେଶ ଭାରତ କୁହନ୍ତୁ କିମ୍ବା ଆମ ରାଜ୍ୟ ଓଡ଼ିଶା ବାଦ୍ ପଡିନାହିଁ। ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି। ସେଥିପାଇଁ ସରକାରଙ୍କ ପକ୍ଷରୁ ସଟଡାଉନ୍, ଲକଡାଉନ୍ ଓ କର୍ଫ୍ୟୁ ମଧ୍ୟ କରାଯାଇଅଛି। ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ପକ୍ଷରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ୩୬ ଘଣ୍ଟା ସଟଡାଉନ୍ କରାଯାଇଥିଲା। ଏହି ସଟଡାଉନ୍ ସମୟରେ ଜରୁରୀ କାଳୀନ ସେବା ଜାରି ରହିବ ବୋଲି ପୌର ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିଲା। ଏହି ଜବର ଦଖଲ ଉଚ୍ଛେଦ ସମୟରେ ବଜାରେ ଲୋକମାନଙ୍କର ଭିଡ ଲାଗି ରହିଥିଲା। ଏ ସଂପର୍କରେ ଆମ ପ୍ରତିନିଧି ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ କ୍ୟାମେରା ସାମ୍ନାରେ କିଛି କହିବାକୁ ମନା କରିଥିଲେ।

ବିଳମ୍ବିତ ରାଜପଥ ନିର୍ମାଣ ଯୋଗୁ ଯାତ୍ରୀ ହନ୍ତସନ୍ତ : ଘଂଟା ଘଂଟା ଧରି ରାସ୍ତାରେ ଫସି ରହୁଛି ଆମ୍ବୁଲାନ୍ସ

ତ୍ରୁଟିପୂର୍ଣ୍ଣ ଡାଇଭର୍ସନ ଯୋଗୁ ବଢୁଛି ଦୁର୍ଘଟଣା : ଠିକାଦାରଙ୍କ ମନମାନୀରେ ଚାଲିଛି ନିର୍ମାଣ କାର୍ଯ୍ୟ

କୋରେଇ, ୨୩/୭ (ନି.ପ୍ର.): ୧୬ ନଂ ଜାତୀୟ ରାଜପଥରେ ଏବେ ଚଣ୍ଡିଖୋଲରୁ ଭଦ୍ରକ ପର୍ଯ୍ୟନ୍ତ ୬ ଥାକିଆ ରାସ୍ତା କାମ ଚାଲୁ ରହିଛି। ଦିର୍ଘ ଦିନହେଲା ଏହି କାମ ଚାଲୁ ରହିଥିଲେ ମଧ୍ୟ ଏହା କର୍ତ୍ତୃପକ୍ଷଙ୍କ ଦ୍ୱାରା ଠିକାଦାରଙ୍କୁ ଦିଆଯାଇଥିବା କାର୍ଯ୍ୟ ଅବଧି ମଧ୍ୟରେ ସରିବା ନେଇ ସନ୍ଦେହ ସୃଷ୍ଟି ହେଉଛି । ଯାହାକୁ ନେଇ ଲୋକଙ୍କ ଭିତରେ କ୍ଷୋଭ ପ୍ରକାଶ ପାଇଲାଣି। ରାଜପଥ ମରାମତିରେ ଅହେତୁକ ବିଳମ୍ବ ଏବେ ଯାତ୍ରୀଙ୍କ ପାଇଁ କାଳ ହୋଇଛି। ପ୍ରତ୍ୟକ ଦିନ ରାଜପଥର ଭିଡ଼ ନିୟନ୍ତ୍ରଣ ବାହାରେ। ଦିନରୁ ରାତି ଯାଏ ଘଂଟା ଘଂଟା ଧରି ଲମ୍ବା କଂଟେନର ଓ ଲୁହା ବୋଝେଇ ଗାଡିର ଲମ୍ବା ଧାଡି ରାସ୍ତାକୁ କବଜା କରି ରଖୁଛି । ଯାହା ଦ୍ୱାରା ପଥଚାରୀ ମାନେ ଘୋର ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଏ ଭଳି ଘଟଣା ନିତି ଦିନିଆ ହୋଇଗଲାଣି। ଏହି ଭିଡ଼ ମଧ୍ୟରେ ବହୁ ଆମ୍ବୁଲାନ୍ସ ମଧ୍ୟ ଘଂଟା ଘଂଟା ଧରି ଫସିରହୁଛନ୍ତି । ଯାହାଦ୍ୱାରା ରୋଗିଙ୍କ ଜୀବନ ଦୁର୍ବିସହ ହୋଇପଡୁଛି। ଏହାର ମୁଖ୍ୟ କାରଣ ହେଉଛି ରାଜପଥ ମରାମତିରେ ଅହେତୁକ ବିଳମ୍ବ। ବିଳମ୍ବିତ ରାସ୍ତା ନିର୍ମାଣ ଯୋଗୁ ସାଧାରଣ ଲୋକେ ଅତିଷ୍ଠ ହେଲେଣି। ସୂଚନା ଅନୁଯାୟୀ, ୨୦୧୬ ମସିହାରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ୧୬ ନମ୍ବର ଜାତୀୟ ରାଜପଥକୁ ଚଣ୍ଡିଖୋଲ ଠାରୁ ଭଦ୍ରକ ପର୍ଯ୍ୟନ୍ତ ପୂର୍ବରୁ ଥିବା ୪ ଥାକିଆ ରାସ୍ତାକୁ ୬ ଥାକିଆ ରାସ୍ତା କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ। ୬ ଥାକିଆ ରାସ୍ତା ନିର୍ମାଣ ପାଇଁ ମୋଟ୍ ୧ ହଜାର ୫ଶହ ୮୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି କାର୍ଯ୍ୟାଦେଶକୁ ଏକ ଠିକା ସଂସ୍ଥା ହାତେଇଥିଲା । ମାତ୍ର ଠିକାଦାରୀ ସଂସ୍ଥା ଗତ ୨୦୧୮ ଡିସେମ୍ବର ମାସରୁ କାର୍ଯ୍ୟ ଆରମ୍ଭ କରିଛି ହେଲେ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଘଟୁଛି। ରାଜପଥ କାର୍ଯ୍ୟ ଚାଲୁଥିବାରୁ ବିଭିନ୍ନ ସ୍ଥାନରେ ଗୋଟିଏ ଗୋଟିଏ ପାର୍ଶ୍ୱକୁ ରାସ୍ତା ବନ୍ଦ କରି ରଖାଯାଇଛି। ଯାହା ଦ୍ୱାରା ଦୁର୍ଘଟଣା ସଂଖ୍ୟା ବଢୁଛି। ଠିକାଦାରଙ୍କ ମନମାନୀରେ ଏଭଳି କାର୍ଯ୍ୟ ଚାଲିବା ଦ୍ୱାରା ରାଜପଥରେ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟିବା ସହିତ ରାସ୍ତା ଜାମ୍ ରହୁଛି। ଠିକାଦାର ସାହାପୁର ନିକଟରେ ୨ଟି, ପାଣିକୋଇଲି ନିକଟରେ ଗୋଟିଏ ଓ ସଠିପୁର ନିକଟରେ ଗୋଟିଏ ଡାଇଭର୍ସନ ନିର୍ମାଣ କରିଛନ୍ତି। ଏହିଭଳି ତ୍ରୁଟିପୂର୍ଣ୍ଣ ଡାଇଭର୍ସନ ନିର୍ମାଣ ଯୋଗୁ ବହୁ ଜୀବନ ଗଲାଣି। ବର୍ଷେ ଭିତରେ ଗତ କାର୍ତ୍ତିକ ପୂର୍ଣ୍ଣିମାରେ ପାଣିକୋଇଲି ଥାନା ସମ୍ମୁଖରେ ଥିବା ଡାଇଭର୍ସନରେ ଏକ ଦୁର୍ଘଟଣା ଘଟି ୩ ଜଣଙ୍କ ଜୀବନ ଯାଇଥିଲା। ସେହିପରି ଗତ ୬ ମାସ ତଳେ ଗୋଳେଇପୁର ଛକ ନିକଟ ଡାଇଭର୍ସନରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ୨ ଜଣ ଯୁବକଙ୍କ ଜୀବନ ଯାଇଥିଲା। ଆଉ କେତେ ମୁଣ୍ଡ ଗଲେ ଠିକାଦାର ଚେତିବେ ତାହା ସାଧାାରଣରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏବେ ସଠିପୁର ଛକ ନିକଟରେ ନିର୍ମାଣ କରାଯାଉଥିବା ଓଭରବ୍ରିଜ୍ ପୂର୍ବରୁ ହୋଇଥିବା ସଙ୍କୀର୍ଣ୍ଣ ଓ ବିପଦପୂର୍ଣ୍ଣ ଡାଇଭର୍ସନରେ ତିନି ଦିନ ତଳେ ଏକ ବାଇକକୁ ବାଲିବୋଝେଇ ହାଇଓ୍ୱା ଧକ୍କାଦେବା ଫଳରେ ବାଇକଟି ଭାଙ୍ଗି ଚୁରମାର ହୋଇଯାଇଥିଲା ଓ ତାଙ୍କ ବ୍ୟାଗରେ ଥିବା ଦାମି ଲାପଟପ୍‌ଟି ମଧ୍ୟ ନଷ୍ଟ ହୋଇଯାଇଥିଲା କିନ୍ତୁ ସୌଭାଗ୍ୟବସତଃ ଚାଳକ ମୃତ୍ୟୁ ମୁଖରୁ ବଂଚି ଯାଇଥିଲେ। ଏଠାରେ ବ୍ରିଜ ନିର୍ମାଣ ଯୋଗୁ ଗୋଟେ ପଟ ରାସ୍ତାକୁ ଦୀର୍ଘଦୀନ ହେଲା ବନ୍ଦକରି ରଖାଯାଇଛି ଓ ଅନ୍ୟପଟେ ଗାଡି ଯାତାୟତ କରୁଥିଲେ ମଧ୍ୟ ବାମପଟ ରାସ୍ତା ଖୋଳା ହୋଇଥିବାରୁ ରାସ୍ତାଟି ସଂକୀର୍ଣ୍ଣ ହୋଇଛି । ଯାହାଦ୍ୱାରା ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଦିନ ଅପେକ୍ଷା ରାତିରେ ଟ୍ରାଫିକ୍ ସମସ୍ୟା ଗୁରୁତର ହୋଉଛି। ରାତିରେ ନୋ ଏଂଟ୍ରୀ ଖୋଲିବା ପରେ ଭାରୀ ଯାନ ଓ କେଉଁଝରରୁ ଲୁହାପଥର ବୋଝେଇକରି ଯାଉଥିବା ଟ୍ରକ ଗୁଡିକ ବେଶି ସମସ୍ୟା ସୃଷ୍ଟି କରୁଛନ୍ତି। ବେଳେ ବେଳେ ଏମିତି ଭିଡ଼ ଲାଗିରହୁଛି ଟ୍ରକ୍ ଗୁଡିକ ରାସ୍ତାରେ ୩ ଲାଇନ୍ ହୋଇ ଛିଡା ହୋଇଯାଉଛନ୍ତି । ଯାହାଦ୍ୱାରା ଟ୍ରାଫିକ ସମସ୍ୟା ଅସମ୍ଭାଳ ହେଉଛି। ଏଥି ପ୍ରତି ତୁରନ୍ତ ଜାତୀୟ ରାଜପଥ କତୃପକ୍ଷ ଧ୍ୟାନ ଦେଇ ତୁରନ୍ତ ନିର୍ମାଣ କାର୍ଯ୍ୟ ସାରିବାକୁ ଠିକାଦାରକୁ ତାଗିଦ୍ କରିବା ସହିତ ସଂକୀର୍ଣ୍ଣ ଡାଇଭର୍ସନ ଗୁଡିକୁ ଠିକ୍ କରିବାକୁ ଦାବି ହେଉଛି। ଯଦି ସମସ୍ୟାର ପ୍ରତିକାର କରାନଯାଏ ତେବେ ଆଗାମି ଦିନରେ ଲୋକେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

ବ୍ରହ୍ମପୁରରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୫୩୫ ଜଣଙ୍କ ଠାରୁ ଜୋରିମାନା ଆଦାୟ

ଭୁବନେଶ୍ୱର, ୨୩/୭ (ନି.ପ୍ର.): ବହ୍ମପୁରରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୫୩୫ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ବ୍ରହ୍ମପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

କଟକରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୨୭୮ ଜଣଙ୍କ ଠାରୁ ଜୋରିମାନା ଆଦାୟ

ଭୁବନେଶ୍ୱର, ୨୩/୭ (ନି.ପ୍ର.): କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୨୭୮ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

ପଂଚାୟତରେ ଫାର୍ମାସିଷ୍ଟ ଓ ନର୍ସମାନଙ୍କୁ ନିଯୁକ୍ତି ଦେବାକୁ ଫରୱାର୍ଡ଼ ବ୍ଲକର ଦାବି

ଭୁବନେଶ୍ୱର, ୨୩/୭ (ନି.ପ୍ର.): ସାରା ରାଜ୍ୟରେ ବେକାର ବସିଥିବା ବିଏସସି ନର୍ସିଂ, ଫାର୍ମାସିଷ୍ଟ ଓ ଜିଏମଏନ ଡିଗ୍ରୀଧାରୀ ବେକାର ଯୁବକ-ଯୁବତୀମାନଙ୍କୁ ପ୍ରତି ପଂଚାୟତରେ ଅଗ୍ରାଧିକାର ଭିତିରେ ନିଯୁକ୍ତି ପ୍ରଦାନ ପାଇଁ ନିର୍ଦ୍ଦେଶ ଦେବାକୁ ଫରୱାର୍ଡ଼ ବ୍ଲକ ପକ୍ଷରୁ ଦାବି କରାଯାଇଛି। ଜୁଲାଇ ୧୪ ତାରିଖରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ନମ୍ବର:- ୧୬୭୦୫ ଜରିଆରେ ରାଜ୍ୟ ସରକାର ସାରା ରାଜ୍ୟରେ ସାତ ହଜାର ତାଲିମ ପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀମାନଙ୍କୁ କୋଭିଡ଼ ମୁକାବିଲା ପାଇଁ ପ୍ରତ୍ୟେକ ପଂଚାୟତରେ ନିଯୁକ୍ତି ପ୍ରଦାନ ପାଇଁ ନେଇଥିବା ନିଷ୍ପତିକୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ଗଠିତ ରାଜନୈତିକ ଦଳ "ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ୍", ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ସ୍ୱାଗତ କରାଯାଇଛି। କିନ୍ତୁ ସାରା ରାଜ୍ୟରେ ହଜାର ହଜାର ବିଏସସି ନର୍ସିଂ, ଫାର୍ମାସିଷ୍ଟ ଓ ଜିଏମଏନ ଡିଗ୍ରୀଧାରୀ ବେକାର ବସିଥିବା ବେଳେ ଏହି ନିର୍ଦ୍ଦେଶନାମା ମାଧ୍ୟମରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କେବଳ ଏଏନଏମ୍ ଡିଗ୍ରୀଧାରୀମାନଙ୍କୁ ଅଗ୍ରାଧିକାର ଭିତିରେ ନିଯୁକ୍ତି ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ଫରୱାର୍ଡ଼ ବ୍ଲକ୍ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଫରୱାର୍ଡ଼ ବ୍ଲକ୍‌ର ସାଧାରଣ ସଂପାଦକ ଜ୍ୟୋତି ରଂଜନ ମହାପାତ୍ର ଏକ ପତ୍ର ଲେଖି ଅଭିଯୋଗ କରିଛନ୍ତି।

ସେବାୟତଙ୍କ ପାଇଁ ସ୍ୱତନ୍ତ୍ର କରୋନା କେୟାର ହୋମ୍ ବ୍ୟବସ୍ଥା

ପୁରୀ, ୨୩/୭ (ନି.ପ୍ର.): ରାଜ୍ୟ ସମେତ ଜିଲ୍ଲାରେ କରୋନାର କାୟା ବିସ୍ତାରକୁ ଦେଖି ଶ୍ରୀମନ୍ଦିର ସେବାୟତମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷିତ ରଖିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ସେବାୟତମାନଙ୍କ ପାଇଁ କେତେକ ହୋଟେଲରେ କରୋନା କେୟାର ହୋମ୍ ଖୋଲାଯାଇ ୩୦ଟି ବେଡ୍ ର ବ୍ୟବସ୍ଥା କରାଯିବ । ସେହିପରି କରୋନା କେୟାର ସେଂଟରରେ ୧୫ଟି ଶଯ୍ୟା ରଖାଯାଇ ସେବାୟତଙ୍କ ଚିକିତ୍ସା କରାଯିବ । ଏ ସମ୍ପର୍କରେ ବୁଧବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ଠାରେ ବିଭିନ୍ନ ନିଯୋଗ ସହ କଥାବାର୍ତା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏହାସହ କରୋନା ସମୟରେ ସେବାୟତମାନଙ୍କ ଦ୍ୱାରା ତିନିରଥ ଟଣା ଯାଇଥିଲା । ଏହି ତିନିରଥକୁ ସୁରକ୍ଷିତ ରଖିବା ପାଇଁ ଶ୍ରୀଜଗନ୍ନାଥ ବଲ୍ଲଭଠାରେ ବ୍ୟବସ୍ଥା କରାଯିବ । ରଥକୁ ଅକ୍ଷତ ଅବସ୍ଥାରେ କିପରି ରଖାଯିବ ସେ ସମ୍ପର୍କରେ ମହାରଣା, ଭୋଇ ସେବାୟତଙ୍କ ସହିତ ଆଲୋଚନା ହୋଇଛି । ବାହାରୁ ଆସିବାକୁଥିବା ପର୍ଯ୍ୟଟକ ତୀର୍ଥଯାତ୍ରୀମାନେ ରଥ ଦେଖିବାର ସୁଯୋଗ ପାଇପାରିବେ ।

ମାସ୍କ ପିନ୍ଧିନଥିବାରୁ ୧ ଲକ୍ଷ ମାମଲା , ୮ କୋଟି ଟଙ୍କାର ଜୋରିମାନା ଆଦାୟ

ଦେହରାଦୁନ, ୨୩/୭ (ନି.ପ୍ର.): ଦେଶରେ କରୋନା ମାମଲା ବୃଦ୍ଧି ପାଉଥିବାରୁ କୋଭିଡ୍ କଟକଣାକୁ କଡାକଡି କରାଯାଇଛି ଏବଂ ଏହାକୁ ଉଲ୍ଲଂଘନ କଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏହି କ୍ରମରେ ଉତରାଖଣ୍ଡ ରାଜ୍ୟରେ ଅଦ୍ୟାବଧି ମାସ୍କ ପିନ୍ଧି ନଥିବାର ଅଭିଯୋଗରେ ୧ ଲକ୍ଷ ଲୋକଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ସେହିପରି ଲକଡାଉନ୍ ନିୟମ ଉଲ୍ଲଂଘନ କରିଥିବା ବ୍ୟକ୍ତିଙ୍କ ଠାରୁ ମୋଟ ୮ କୋଟି ଟଙ୍କା ଜୋରିମାନା ଆଦାୟ କରାଯାଇଛି। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଶୋକ କୁମାର କହିଛନ୍ତି ଯେ ରାଜ୍ୟରେ ଏପର୍ଯ୍ୟନ୍ତ ସାମାଜିକ ଦୂରତାର ଉଲ୍ଲଂଘନ କରିଥିବାରୁ ୯,୪୯୭ , ମାସ୍କ ନ ପିନ୍ଧିବାରୁ ୧,୦୫,୫୪୪, ଏକାନ୍ତବାସ ଉଲ୍ଲଂଘନ ପାଇଁ ୭୬୫, ସୋସିଆଲ ମିଡିଆରେ ଗୁଜବ ସୃଷ୍ଟି ପାଇଁ ୨୧୧ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏଥିସହ ପୋଲିସ ଅଧିନିୟମ ଅନୁଯାୟୀ ୧.୬୮ କୋଟି, ଏମଭି ଆକ୍ଟ ଅନୁଯାୟୀ ୫.୬୦ କୋଟି, ଡିଏମ ଆକ୍ଟ ଏବଂ ଏପିଡେମିକ ନିୟମାବଳୀ ଅନୁଯାୟୀ ୯୯.୩୩ ଲକ୍ଷ, ମୋଟ ୮.୨୮ କୋଟି ଟଙ୍କାର ଜୋରିମାନା ଆଦାୟ କରାଯାଇଛି। ସେ କହିଛନ୍ତି ଯେ ଏକ ସତର୍କତାମୂଳକ ଭାବେ ଏପର୍ଯ୍ୟନ୍ତ ୯୬୫ ପୋଲିସ କର୍ମଚାରୀଙ୍କୁ ଆଇସୋଲେସନ୍‌ରେ ରଖାଯାଇଛି, ଯେଉଁଥିରୁ ୮୨୦ ପୋଲିସ ଏହି ଅବଧି ଶେଷ କରିବା ପରେ ଡ୍ୟୁଟିରେ ଯୋଗ ଦେଇଛନ୍ତି । ଏହା ସହ ୨୯ ଜଣ ପୋଲିସ୍ କରୋନା ପଜିଟିଭ୍ ଥିବା ଜଣାପଡିଛି, ସେଥିମଧ୍ୟରୁ ୯ ଜଣ ପୋଲିସ୍ ସୁସ୍ଥ ଅଛନ୍ତି ଏବଂ ଡ୍ୟୁଟିକୁ ଫେରୁଛନ୍ତି। କରୋନା ଭାଇରସକୁ ପରାସ୍ତ କରିବା ପରେ ଡ୍ୟୁଟିରେ ଯୋଗ ଦେଇଥିବା ଏହି ୯ ଜଣ ପୋଲିସ କର୍ମଚାରୀଙ୍କୁ ରାଜ୍ୟ ମହାନିର୍ଦ୍ଦେଶକ ସମ୍ମାନିତ କରିବେ।

କେନ୍ଦ୍ରାଚଂଳ ରାଜସ୍ୱ କମିଶନରଙ୍କ କୋଭିଡ୍ ମୁକାବିଲା ନେଇ ସମୀକ୍ଷା

ପୁରୀ, ୨୩/୭ (ନି.ପ୍ର.): କେନ୍ଦ୍ରାଚଂଳ ରାଜସ୍ୱ କମିଶନର ଅନୀଲ କୁମାର ସାମଲ ବୁଧବାର ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସଭାଗୃହଠାରେ କୋଭିଡ୍ ସଂପର୍କିତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ପୁରୀ ଜିଲ୍ଲାରେ କରୋନା ରୋଗୀ ବଢୁଥିବାରୁ ଆଗାମୀ ଦିନରେ କିପରି ମୁକାବିଲା କରାଯିବ ସେ ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା । ବିଭିନ୍ନ ଅଂଚଳରେ କିଭଳି ରୋଗୀ ସଂଖ୍ୟା ବୃଦ୍ଧି ନପାଇବ, ଘରକୁ ଘର ଥର୍ମାଲ ସ୍କ୍ରିନିଂ କରିବା, ଲୋକମାନଙ୍କୁ ମାସ୍କ ପିନ୍ଧିବା ଓସାମାଜିକ ଦୂରତା ସଂପର୍କରେ କିପରି ସଚେତନତା କରାଯିବ ଏ ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା । କୋଭିଡ୍ କେୟାର ସେଂଟରରେ କି କି ସୁବିଧା ରହିଛି, ସେଠାରେ ନିୟୋଜିତ ଡାକ୍ତର, ଷ୍ଟାପନର୍ସ ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ସଂପର୍କରେ ସମୀକ୍ଷା କରିଥିଲେ । ଏ ସଂପର୍କରେ ଜିଲ୍ଲାପାଳ ବଳବନ୍ତ ସିଂ କହିଲେ କୋଭିଡର ସ୍ଥିତି କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି । କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ର, କୋଭିଡ କେୟାର ସେଂଟର, କୋଭିଡ କେୟାର ହୋମ୍ ଓ ଗ୍ରାମ୍ୟ ସ୍ତରୀୟ କରୋନା କରିଚାଳନା କମିଟି ସମ୍ପର୍କରେ ସବିଶେଷ ତଥ୍ୟ ଆଲୋଚନା କରିଥିଲେ। ସହରାଂଚଳରେ ଥିବା ବସ୍ତିମାନଙ୍କ ପାଇଁ କରୋନା କେୟାର ମନିଟରଙ୍କୁ ରଖାଯାଇ ଘରକୁ ଘର ସର୍ଭେ କରାଯାଉଛି । ପୁରୀ ଜିଲ୍ଲାରେ କରୋନା ସ୍ଥିତି ଏତେ ଉଦବେଗଜନକ ନଥିବା ବେଳେ ରୋଗୀ ଚିହ୍ନଟ ହେବା ପରେ ସଂପୃକ୍ତ ଅଂଚଳକୁ କଂଟେନମେଂଟ ଜୋନ୍ ଘୋଷଣା କରାଯାଉଛି । ଏହି ବୈଠକରେ ଏଡିଏମ୍ ପ୍ରଦୀପ କୁମାର ସାହୁ, ବିନୟ କୁମାର ଦାସ, ସିଡିଏମଓ ଡା. ସୁଜାତା ମିଶ୍ର, ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି କରୋନା ମୁକାବିଲା ସମ୍ପର୍କରେ ଆଲୋଚନା କରିଥିଲେ।

ବାରିକପୁର ଜୁନିୟର କଲେଜ ଅଧ୍ୟକ୍ଷଙ୍କ ପରଲୋକ

ଭଦ୍ରକ, ୨୩/୭ (ହି.ସ.) - ଭଣ୍ଡାରିପୋଖରୀ ବ୍ଲକ୍ ବାରିକପୁରସ୍ଥିତ ପଂଚାୟତ ଉଚ୍ଚତର ମାଧ୍ୟମିକ ସ୍କୁଲ (ଜୁନିୟର କଲେଜ) ଅଧକ୍ଷ ବିପିନ ବିହାରୀ ମହାପାତ୍ରଙ୍କର ଆଜି ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୯ ବର୍ଷ ବୟସ ହୋଇଥିଲା। ଗତ ସପ୍ତାହେ ପୂର୍ବରୁ ଅସୁସ୍ଥତା ଅନୁଭବ କରି ଭଦ୍ରକ ଜିଲା ହସ୍‌ପିଟାଲରେ ଚିକିତ୍ସା ପାଇଁ ଭ ର୍ତ୍ତି ହୋଇଥିଲେ। ମାତ୍ର ସ୍ୱାସ୍ଥ୍ୟବସ୍ଥାରେ ଅବନତି ଦେଖାଦେବାରୁ ତାଙ୍କୁ କଟକକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ତାଙ୍କର ପରଲୋକ ହୋଇଛି। ସ୍ୱର୍ଗତ ମହାପାତ୍ର ବୃକକ୍ ଜନିତ ସମସ୍ୟା ସହ ମଧୁମେହ, ହୃଦରୋଗ ଭଳି ରୋଗରେ ସେ ପୀଡିତ ଥିଲେ। କରୋନା ସଂକ୍ରମଣ ନେଇ ମଧ୍ୟ କୁହାଯାଉଥିଲା। ୪ ମହାପାତ୍ର ୧୯୮୯ ମସିହାରେ ବାରିକପୁର କଲେଜ ପ୍ରତିଷ୍ଠା ହେବା ଦିନ ଠାରୁ ଅଧ୍ୟାପକ ଭାବେ ଯୋଗଦେଇ ସୂଚାରୁ ରୂପେ ଅଧ୍ୟାପନ କାର୍ଯ୍ୟ ତୁଲାଇ ଆସୁଥିଲେ। ୨୦୧୧ ମସିହା ଠାରୁ ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଆଗାମୀ ୨୦୨୧ ଅପ୍ରେଲ ମାସରେ ସେ ଅବସର ଗ୍ରହଣ କରିବାକୁ ଥିବାବେଳେ ଅକାଳରେ ପରଲୋକ ଗମନ କରିଛନ୍ତି। ତାଙ୍କ ଧର୍ମପତ

ହୋମିଓପାଥି ଔଷଧ ଖାଉଥିଲେ...

କେତେକ ଲୋକ ହୋମିଓପାଥି ଔଷଧରେ ଚିକିତ୍ସା ହୋଇଥାନ୍ତି। ହେଲେ ଏହାକୁ ଖାଇବା ପୂର୍ବରୁ କିଛି ଦିଗପ୍ରତି ସାବଧାନତା ଅବଲମ୍ବନ କରିବା ଦରକାର। ନଚେତ୍ ଚିକିତ୍ସାରେ କୌଣସି ଉନ୍ନତି ଦେଖାଦେବ ନାହିଁ। କି କି ସାବଧାନତା ଅବଲମ୍ବନ କରିବାକୁ ପଡ଼ିବ ଆସନ୍ତୁ ଜାଣିବା...।

ଖୋଲା ରଖନ୍ତୁ ନାହିଁ: ହୋମିଓପାଥି ଔଷଧକୁ ଆଦୌ ଖୋଲା ରଖନ୍ତୁ ନାହିଁ। ଥଣ୍ଡା ସ୍ଥାନରେ ରଖନ୍ତୁ। ଔଷଧ ଖାଇ ସାରିଲା ପରେ ଡବା କିମ୍ବା ବୋତଲର ମୁହଁ ବନ୍ଦ କରିଦିଅନ୍ତୁ। କାରଣ ଖୋଲା ରହିଲେ ଏଥିରେ ଥିବା ଔଷଧୀୟ ଗୁଣ ନଷ୍ଟ ହୋଇଯାଏ।

ଔଷଧ ହାତକୁ ନେଇ ଖାଆନ୍ତୁ ନାହିଁ: ହୋମିଓପାଥି ଗୋଲି ଖାଇବା ପାଇଁ ହାତ ପାପୁଲିରେ ବାହାର କରନ୍ତୁ ନାହିଁ। କାରଣ ଏଥିରେ ଥିବା ସ୍ପିରିଟ ଅଂଶ ହାତ ସଂସ୍ପର୍ଶରେ ଆସି ନଷ୍ଟ ହୋଇଯାଏ। ଏହାଦ୍ୱାରା ଔଷଧର ପ୍ରଭାବ କମିଯାଏ।

୧୦ ମିନିଟ ପର୍ଯ୍ୟନ୍ତ କିଛି ଖାଆନ୍ତୁ ନାହିଁ: ହୋମିଓପାଥି ଔଷଧ ଖାଇବାର ୧୦ ମିଟ୍ ପୂର୍ବରୁ ଓ ୧୦ ମିନିଟ ପରେ କିଛି ଖାଆନ୍ତୁ ନାହିଁ। କାରଣ କୌଣସି ଖାଦ୍ୟ ସଂସ୍ପର୍ଶରେ ଔଷଧ ଆସିଲେ ତାର ପ୍ରଭାବ ହ୍ରାସ ପାଏ। ଫଳରେ ଉକ୍ତ ଔଷଧରେ ରୋଗ ଦୂର ହେବା ପାଇଁ କଷ୍ଟହୁଏ।

ଅନ୍ୟ ଔଷଧ ସହିତ ରଖନ୍ତୁ ନାହିଁ: ହୋମିଓପାଥି ଔଷଧ ସହିତ ଅନ୍ୟ କୌଣସି ଔଷଧ ଯଥା ଆୟୁର୍ବେଦିକ ଓ ଏଲୋପାଥିକ ଔଷଧ ସହିତ ମିଶାଇ ରଖନ୍ତୁ ନାହିଁ। କାରଣ ହୋମିଓପାଥି ଔଷଧର ଶକ୍ତି ହ୍ରାସ ପାଇଥାଏ। ଏହାକୁ ଖାଇବା ଦ୍ୱାରା ରୋଗ ଉପରେ କିଛି ପ୍ରଭାବ ପଡ଼ିନଥାଏ।

ଖଟା ଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ: ହୋମିଓପାଥି ଔଷଧ ଖାଇବା ପରେ କୌଣସି ପ୍ରକାର ଖଟା ଦ୍ରବ୍ୟ ଖାଇବା ଅନୁଚିତ। କାରଣ ଖଟାର ପ୍ରଭାବରେ ଔଷଧ ଶକ୍ତି ହ୍ରାସ ପାଇଥାଏ।

ଅନ୍ୟ କୌଣସି ଔଷଧ ଖାଆନ୍ତୁ ନାହିଁ: ହୋମିଓପାଥି ଔଷଧ ଖାଉଥିଲେ ଅନ୍ୟ ଔଷଧ ତଥା ଆୟୁର୍ବେଦିକ ଓ ଏଲୋପାଥି ଔଷଧ ଖାଆନ୍ତୁ ନାହିଁ। ନଚେତ୍ ହୋମିଓପାଥି ଔଷଧର କୌରସସି ପ୍ରଭାବ ପଡ଼ିବ ନାହିଁ।

ପାଟି ଧୁଅନ୍ତୁ: ହୋମିଓପାଥି ଔଷଧ ଖାଇବା ପୂର୍ବରୁ ଭଲ ଭାବରେ ପାଟି ଦିଅନ୍ତୁ। ଅର୍ଥାତ୍ ଭଲ ଭାବରେ କୁଳି କରି ଦାନ୍ତ ଓଜିଭକୁ ସଫା କରି ଔଷଧ ଖାଆନ୍ତୁ। ଏହାଦ୍ୱାରା ଔଷଧ ଉପଯୁକ୍ତ ପ୍ରଭାବ ଶରୀର ଉପରେ ପଡ଼ିଥାଏ।

କୌଣସି ନିଶା ଦ୍ରବ୍ୟ ଖାଆନ୍ତୁ ନାହିଁ: ହୋମିଓପାଥି ଔଷଧ ଖାଇବା ପୂର୍ବରୁ ଓ ପରେ କୌଣସି ପ୍ରକାର ନିଶା ଦ୍ରବ୍ୟ ଯଥା ମଦ, ବିଡ଼ି, ଆଦି ଖାଆନ୍ତୁ ନାହିଁ। ଏହି ଦ୍ରବ୍ୟରେ ହାନିକାରକ ନିଶା ରହିଛି, ଯାହା ଔଷଧଣ ପ୍ରଭାବକୁ ହ୍ରାସ କରିଥାଏ। ଏରୁ ହୋମିଓପାଥି ଗ୍ରହଣ କରୁଥିଲେ ଏସବୁରୁ ଦୂରେଇ ରହନ୍ତୁ।

ଖରାରେ ଔଷଧ ରଖନ୍ତୁ ନାହିଁ: ହୋମିଓପାଥି ଔଷଧକୁ ଆଦୌ ଖରା ତଥା ସୂର୍ଯ୍ୟ କିରଣରେ ରଖନ୍ତୁ ନାହିଁ। ଖରା ତେଜ ସଂସ୍ପର୍ଶରେ ଆସିଲେ ଏହାର ଔଷଧୀୟ ଗୁଣ ନଷ୍ଟ ହୋଇଯାଇଥାଏ। ଯାହା ରୋଗଜ ଉପଶମ କରିପାରେ ନାହିଁ।

ଚା' ପିଅନ୍ତୁ ନାହିଁ: ହୋମିଓପାଥି ଔଷଧ ଖାଇବା ସମୟରେ ଅବା କିଛି ସମୟ ପର୍ଯ୍ୟନ୍ତ ଚା' କିମ୍ବା କଫି ପିଅନ୍ତୁ ନାହିଁ। କାରଣ ଔଷଧ ପ୍ରଭାବ ହ୍ରାସ ହୋଇଥାଏ।

ଲାପଟପ ଡେକୋରେଶନ୍

ଆଜିର ଯୁବପିଢ଼ିଙ୍କୁ ନିଜର ପୋଷାକ ଠାରୁ ଆରମ୍ଭ କରି ବିଭିନ୍ନ ଆସୋସରିଜ୍ ପର୍ଯ୍ୟନ୍ତ ସବୁ ଦରକାର ଫ୍ୟାଶନେବଲ୍। ଆଉ ଯେଉଁଥିରୁ ବାଦ୍ ପଡୁନି ସେମାନଙ୍କ ଲାପଟପ। ଅର୍ଥାତ୍ ସେମାନେ ଲାପଟପକୁ ମଧ୍ୟ ବିଭିନ୍ନ ପ୍ରକାର ଡେକୋରେଟ୍ କରି ଆକର୍ଷଣୀୟ ଲୁକ୍ ଦେବାକୁ ପଛାଉ ନାହାନ୍ତି....।

- ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକ ଲାପଟପ ସ୍କିନ ଠାରୁ ଆରମ୍ଭ କରି ୟୁଏସବି ଆସେସରିଜ ପର୍ଯ୍ୟନ୍ତ ପ୍ରତ୍ୟେକକୁ ନିଜ ପସନ୍ଦ ମୁତାବକ ସୁନ୍ଦର ଭାବେ ସଜାଇ ପାରୁଛନ୍ତି। ଆଉ ସେମାନଙ୍କ ଡିମାଣ୍ଡକୁ ଆଖି ଆଗରେ ରଖି ମାର୍କେଟରେ ମଧ୍ୟ ଏଭଳି ଉପକରଣ ବଢ଼ିବାରେ ଲାଗିଛି। ବିଶେଷକରି ରିମୁଭେବର ଲାପଟପ ଡେକାଲ ଏବଂ ସ୍କିନର ସୁନ୍ଦର ଡିଜାଇନ ସ୍କିନର ସର୍ବାଧିକ ଚାହିଦା ଥିବା ଦେଖିବାକୁ ମିଳୁଛି।

- କେବଳ ଲାପଟପ ଆସେସିରଜ ଶପରେ ନୁହେଁ ଅନଲାଇନ ଶପିଂ ସାଇଟ୍ ଗୁଡ଼ିକରେ ଏସବୁ ମିଳିବା ଖୁବ୍ ସହଜ ହୋଇଯାଇଛି। ବର୍ତ୍ତମାନ ବିଭିନ୍ନ ଆର୍ଟୱର୍କ ଥିବା ସ୍କିନ ସବୁଠାବଳେ ଅଧିକ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି।

-ଏହି କଭର ଗଉଡ଼ିକ ସହଜରେ କାଢ଼ି ଦେଉଥିବାରୁ କେହି କେହି ଏକାଧିକ କଭର ମଧ୍ୟ ରଖି ଇଚ୍ଛାନୁସାରେ ବଦଳାଉଛନ୍ତି। ଏହି କଭର ସାଧାରଣତଃ ଜେଲାସ୍କିନ, ହାର୍ଡ଼ କେସ ଏବଂ ସ୍ଲିଭସ।

- ରଗଡ଼, ନିଓପ୍ରିନ ଏବଂ ଷ୍ଟାଇଲିସ ମଧ୍ୟରୁ ଲାପଟପକୁ ଅଧିକ ଆକର୍ଷଣୀରୟ ଭୁକ ଦେଉଥିବାରୁ ଷ୍ଟାଇଲିସ ସ୍ଲିଭସର ଚାହିଦା ସର୍ବାଧିକ। ତେବେ ଯୁବତୀମାନେ ଏହାକୁ ବେଶୀ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।



ଉପଯୋଗୀ ପରାମର୍ଶ

- ନିଜକୁ ସୁସ୍ଥ ରଖିବାକୁ ଖାଦ୍ୟପେୟ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ।
- ଅଧିକ ତେଲଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ଼ ଯେତେ କମ ଖାଇବେ ତାହା ସେତେ ଭଲ।
- ଏଭଳି ଖାଦ୍ୟ ଖାଆନ୍ତୁ, ଯାହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହେବନାହିଁ।।
- ଯଦି ଆପଣଙ୍କ ଗ୍ୟାଷ୍ଟ୍ରିକ ସମସ୍ୟା ରହିଛି ତେବେ ତାହାକୁ ଅଣଦେଖା କରନ୍ତୁ ନାହିଁ। ଏନେଇ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- କେତେଗୁଡ଼ିଏ ରୋଗର ପ୍ରାକୃତିକ ଉପଚାର ରହିଛି। ତାହାକୁ ଆପଣେଇବାକୁ ଚେଷ୍ଟା କରନ୍ତୁ।
- କୌଣସି ରୋଗକୁ ଛୋଳଟ ଭାବି ତାହାକୁ ଜଟିଳ ଆକାର ଧାରଣ କରିବାକୁ ଦିଅନ୍ତୁ ନାହିଁ।
- ପେଟଜନିତ ସମସ୍ୟା ଦୂର ପାଇଁ ପ୍ରଚୁର ପାଣି ପିଅନ୍ତୁ। ଏହା ଖାଦ୍ୟକୁ ହଜମ କରାଇବାରେ ସହାୟକ ହୋଇଥାଏ।
- ଯଦି ପ୍ରତିଦିନ ବ୍ୟାୟାମ କରୁଛନ୍ତି ତେବେ ଖାଲି ପେଟରେ ଏହାକୁ ନକରିବା ଭଲ। ବ୍ୟାୟାମ କରିବା ପୂର୍ବରୁ କିଛି ହାଲୁକା ଖାଦ୍ୟ ଖାଆନ୍ତୁ କିମ୍ବା ପାଣି ପିଅନ୍ତୁ।
- ବ୍ୟାୟାମ କରିବା ସମୟରେ ଯଦି ହାଲିଆ ଲାଗୁଛି ତେବେ ଶରୀର ଉପରେ ଅଧିକ ଚାପ ନଦେଇ କିଛି ସମୟ ବିଶ୍ରାମ ନିଅନ୍ତୁ। ତାପରେ ବ୍ୟାୟାମ ଜାରି ରଖନ୍ତୁ।
- କୌଣସି ରୋଗ ବିଷୟରେ ଡାକ୍ତରଙ୍କ ସହ ପରାମର୍ଶ କରିବା ସମୟରେ ସେ ବିଷୟରେ ଟିକିନିଖି କଥା ଡାକ୍ତରଙ୍କୁ କହନ୍ତୁ। ଯଦି ଡାକ୍ତର ସେହି ରୋଗ ବିଷୟରେ ଆପଣଙ୍କ ଠାରୁ ଅଧିକ ତଥ୍ୟ ଜାଣିବାକୁ ଚାହୁଁଛନ୍ତି ତେବେ ଲାଜ ନକରି ସେଗୁଡ଼ିକ ପ୍ରକାଶ କରନ୍ତୁ।
- ନିଜକୁ ସୁସ୍ଥ ରଖିବାର ଆଉ ଏକ ସରଳ ଉପାୟ ରହିଛି। ନିଜ ମାନସିକତାକୁ ସବୁବେଳେ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଯଦି ଆପଣ କୌଣସି ଚାପର ବଶବର୍ତ୍ତୀ ହୋଇଛନ୍ତି କିମ୍ବା ଯେନସରେ ଅଛନ୍ତି ତେବେ ସେନେଇ ଚିନ୍ତିତ ହୁଅନ୍ତୁ ନାହିଁ। ସେଥିରୁ କିପରି ମୁକୁଳିବେ ସେଥିପାଇଁ ଉପାୟ ଚିନ୍ତା କରନ୍ତୁ।

ମହିଳାଙ୍କୁ ପରିଚୟ ଦେଲା 'ଡ୍ରମ୍ ବ୍ୟାଣ୍ଡ'

ଏକଦା ଦିନ ମଜୁରିଆ ଭାବେ କାମ କରି ପେଟ ପୋଷୁଥିବା ବିହାରର କିଛି ମହିଳାଙ୍କର ରୋଜଗାର ଏବେ ଦିନକୁ ଏକ ହଜାରରୁ ବାରଶହ ଟଙ୍କା। ସମସ୍ତେ ଧୀବର ଗାଁର ବାସିନ୍ଦା, ମହାଦଳିତ ବର୍ଗର। ମହିଳା ଡ୍ରମ ବ୍ୟାଣ୍ଡ ଗଠନ କରି ଉତ୍ସବ ପ୍ରଦର୍ଶନ କରୁଛନ୍ତି। ଏମାନଙ୍କ ଆର୍ଥିକ ସ୍ଥିତି ମଜଭୁତ ହେଉଛି। ତୀବ୍ର ଜାତିବାଦ ଓ ପାରିବାରିକ କଟକଣା ଭାଙ୍ଗି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ବ୍ୟାଣ୍ଡର ନେତ୍ରୀ ସବିତା ଦେବୀ। ୨୦୧୨ରେ ଷୋହଳ ଜଣଙ୍କୁ ନେଇ ଦଳ ଗଠନ କରିଥିଲେ। ଆଗକୁ ବଢ଼ିବା ଏତେ ସହଜ ନଥିଲା। ଡ୍ରମ ବଜାଇବା ପୁରୁଷଙ୍କୁ ଅସହ୍ୟ ହେଲା। ବିରୋଧ ଓ ସାମାଜିକ ନିନ୍ଦା ସହି ନପାରି ଛଅ ଜଣ ଛାଡ଼ିଦେଲେ। ଏହି ସମୟରେ ସାହସ ଦେଇଥିଲେ 'ନାରୀ ଗୁଞ୍ଜନ ସଂସ୍ଥା' ନାମକ ଏକ ବେସରାକରୀ ଅନୁଷ୍ଠାନର ସାଜିକ କର୍ମୀ ସୁଧା ଭର୍ଗିଜ। ସୁଧାଙ୍କ ଯୋଗୁଁ ବ୍ୟାଣ୍ଡ ବଜାଇ ଅର୍ଥରୋଜଗାର କରିବା, ଏବେ ଏହି ମହିଳାଙ୍କ ନିୟମିତ ବୃତ୍ତିରେ ପରିଣତ ହୋଇଛି। ନିଜ ବର୍ଗର ଅନ୍ୟ ମହିଳାଙ୍କ ପାଇଁ ଏମାନେ ଆଦର୍ଶ ଓ ପ୍ରେରଣା। ଆର୍ଥିକ ଭାବେ ସଶକ୍ତ ହେବା ଏବଂ ସ୍ୱତନ୍ତ୍ର ସାମାଜିକ ପରିଚୟ ସୃଷ୍ଟିରେ ବ୍ୟାଣ୍ଡର ଭୂମିକା ମହତ୍ତ୍ୱପୂର୍ଣ୍ଣ ବୋଲି ସବିତା କହନ୍ତି। ବ୍ୟାଣ୍ଡର ଚାହିଦା ଓ ଲୋକପ୍ରିୟତା ବଢୁଛି। ପ୍ରଥମେ ଜଣ ପିଛା ଦିନକୁ ପାଞ୍ଚ ଶହ ଟଙ୍କା ମିଳୁଥିବା ବେଳେ ଏବେ ଏକ ହଜାର ଟଙ୍କାରୁ ଅଧିକ ମିଳୁଛି।

ଗର୍ଭାବସ୍ଥାରେ ମଧୁମେହ

କେତେକ ମହିଳାଙ୍କ ଠାରେ ଗର୍ଭାବସ୍ଥାରେ ମଧୁମେହ ବା ଡାଇବେଟିସ ଦେଖାଯାଏ। ପୂର୍ବରୁ ଡାଇବେଟିସ ନଥିଲେ ମଧ୍ୟ ଏହି ସମୟରେ ଦେଖାଯାଏ। ଏଥିପାଇଁ ଏହାକୁ ଗର୍ଭକାଳୀନ ମଧୁମେହ ବୋଲି କୁହାଯାଏ। ଜୀବନଶୈଳୀରେ ବିଭିନ୍ନ ପ୍ରକାର ପରିବର୍ତ୍ତନ ହେତୁ ମହିଳାମାନେ ଗର୍ଭବତୀ ସମୟରେ ଡାଇବେଟିସର ଶିକାର ହେଉଛନ୍ତି। ଏହି ସମୟରେ ଡାଇବେଟିସ୍‌କୁ ଅବହେଳା କଲେ ଗର୍ଭାବସ୍ଥା ପରେ ମହିଳା ଜଣକ ଟାଇପ୍-୨ ଡାଇବେଟିସ୍‌ରେ ଶିକାର ହୋଇଥାଏ। ଯାହାକି ଜୀବନସାରା ଭୋଗିବାକୁ ପଡ଼ିଥାଏ।

ଏମିତି ବି ହୋଇପାରେ ଗର୍ଭାବସ୍ଥାରେ ହୋଇଥିବା ଡାଇବେଟିସ ସ୍ଥାୟୀ ଭାବେ ରହେନାହିଁ। ଏହା କିନ୍ତୁ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ଇଉପରେ ପ୍ରଭାବ ପକାଏ। ଏଣୁ ଗର୍ଭଧାରଣ କରିଥିବା ପ୍ରତ୍ୟେକ ମହିଳା ଶୁଗାର ସ୍ତର ପରୀକ୍ଷା କରିବା ଦରକାର। ଏହାର ଶିକାର ହେବା ଦ୍ୱାରା ଉଭୟ ମା' ଓ ପିଲା ପ୍ରଭାବିତ ହୋଇଥାନ୍ତି। ଗର୍ଭକାଳୀନ ମଧୁମେହ ଯୋଗୁଁ ମା' ଓ ପିଲା ଉଭୟଙ୍କ ପାଇଁ ଶରୀରରୁ ଆବଶ୍ୟକ ଇନସୁଲିନ ନିର୍ଗତ ହୋଇପାରେ ନାହିଁ। ଫଳରେ ମା' ଓ ପିଲା ଅସୁସ୍ଥ ହୋଇଥାନ୍ତି। ପିଲାଜନ୍ମ ହେବା ପରେ ମା' ଠାରେ ଡାଇବେଟିସ୍ ରହିନପାରେ। ହେଲେ ଏହା ଗର୍ଭାବସ୍ଥାରେ ଦେଖାଯାଏ। ତେବେ ଗର୍ଭାବସ୍ଥରେ ମଧୁମେହ ହେବାର କାଣଣ କ'ଣ ହୋଇପାରେ।

କାରଣ: ଯଦିଓ ଗର୍ଭକାଳୀନ ଡାଇବେଟିସ ବଂଶଗତ ନୁହେଁ, ଏହା ଗର୍ଭବତୀ ମହିଳାଙ୍କୁ ବିଭିନ୍ନ କାରଣରୁ ପ୍ରଭାବିତ କରିଥାଏ।

- ଗର୍ଭାବସ୍ଥାରେ ଡାଇବେଟିସ୍ ହେବାର ବିଭିନ୍ନ କାରଣ ମଧ୍ୟରୁ ପ୍ରଥମ ମୁଖ୍ୟ କାରଣ ହେଉଛି ଅଧିକ ଓଜନ। ମେଦବହୁଳ ଓ ଅଧିକ ଓଜନ ହୋଇଥିବା ମହିଳାମାନେ ଗର୍ଭାବସ୍ଥାରେ ଡାଇବେଟିସ୍‌ର ଶିକାର ହୋଇଥାନ୍ତି। ଏଣୁ ଏପରି ମହିଳାମାନେ ଗର୍ଭବତୀ ପୂର୍ବରୁ ଡାକ୍ତରଙ୍କ ପରାମର୍ଶରେ ରୁହନ୍ତୁ।
- ଦ୍ୱିତୀୟତଃ ଯଦି ବଂଶରେ କାହାର ଡାଇବେଟିସ୍ ହେବାର ଆଶଙ୍କା ଥାଏ।
- ତୃତୀୟରେ ଯଦି ଆପଣ ଡାଇବେଟିସ୍‌ର ଶିକାର ହୋଇନଥାନ୍ତି, କିନ୍ତ ରକ୍ତରେ ସୁଗାର ସ୍ତର ଅଧିକ ରହିଛି, ତାହେଲେ ଗର୍ଭାବସ୍ଥାରେ ଡାଇବେଟିସ୍ ହୋଇଥାଏ।
- ଚତୁର୍ଥରେ ପ୍ରଥମ ସନ୍ତାନ ସମୟରେ ଯଦି ଡାଇବେଟିସ୍ ନଥାଏ, ହେଲେ ଆପଣଙ୍କର ପ୍ରସବ ପିଲାର ଓଜନ ୪ କେଜି ଉପରକୁ ଥିଲେ ଦ୍ୱିତୀୟ ଥର ଗର୍ଭାବସ୍ଥାରେ ଡାଇବେଟିସ୍‌ର ଆଶଙ୍କା ଅଧିକ ବଢ଼ିଯାଏ।
- ଶେଷରେ, ୨୫ବର୍ଷରୁ ଉର୍ଦ୍ଧ୍ୱ ବୟସରେ ଗର୍ଭବତୀ ହେଲେ ଗର୍ଭାବସ୍ଥାରେ ଡାଇବେଟିସ୍‌ର ଆଶଙ୍କା ବଢ଼ିଯାଏ। ଅନ୍ୟପକ୍ଷରେ ପିସିଓଡି (ପଲିସିଷ୍ଟକ ଓଭରିଆନ ଡିଜିଜ୍), ପିସିଓଡି ଯୋଗୁଁ ରକ୍ତରେ ଉଚ୍ଚ ଶୁଗାର ସ୍ତର ଆଦି ଥିଲେ ଗର୍ଭାବସ୍ଥାରେ ଡାଇବେଟିସ୍‌ର ଆଶଙ୍କା ବଢ଼ିଯାଏ।

ଲକ୍ଷଣ: ଗର୍ଭାବସ୍ଥାରେ ଡାଇବେଟିସ୍ ଗର୍ଭଧାରଣର ୨୪ସପ୍ତାହ ପରେ ଶୁଗାର ପରୀକ୍ଷାରୁ ଜଣାପଡ଼େ। ଏହି ଡାଇବେଟିସ୍‌ର ଲକ୍ଷଣ ଖୁବ କମ୍ ଦେଖାଯାଏ। ଏଣୁ ଏହାକୁ ଚିହ୍ନଟ କରିବା ସହଜ ହୋଇନଥାଏ।

- ଗର୍ଭଧାରଣର ମାସେ ଭିତରେ ଯଦି ଦୁର୍ବଳ ଲାଗୁଥାଏ, ପାଟି ଶୁଖିଯାଉଥାଏ, ତାହେଲେ ରକ୍ତର ଶୁଗାର ସ୍ତର ପରୀକ୍ଷା କରିବା ଦରକାର। ଏହି ପରୀକ୍ଷା ବିଳମ୍ବ କରିବା ଅନୁଚିତ୍।
- ଗର୍ଭାବସ୍ଥା ସମୟରେ ବାରମ୍ବାର ପରିସ୍ରା ଲାଗୁଥିଲେ,



ଏ ବିଷୟରେ ଡାକ୍ତରଙ୍କୁ ନିଶ୍ଚିତ ଜଣାନ୍ତୁ। ବାରମ୍ବାର ଶୋଷ ହେଉଥିଲେ ଅବା ତଣ୍ଟି ଶୁଖିଯାଉଥିଲେ ଡାକ୍ତରଙ୍କୁ ଜଣାନ୍ତୁ। କାରଣ ଏହା ମଧ୍ୟ ଗର୍ଭାବସ୍ଥଶରେ ଡାଇବେଟିସ୍‌ର ସୂକ୍ଷ୍ମ ଲକ୍ଷଣ।

- ଯଦି ରକ୍ତରେ ଶୁଗାର ସ୍ତର ଅସାମାନ୍ୟ ହୋଇଥାଏ, ଡାକ୍ତରଙ୍କୁ ଜଣାନ୍ତୁ। କାରଣ ଅନ୍ୟାନ୍ୟ ଦିନ ଅପେକ୍ଷା ଏହି ସମୟରେ ଅଧିକ ଖାଦ୍ୟ ଗ୍ରହଣ କରୁଥିବାରୁ ଶୁଗାର ସ୍ତର ବଢ଼ିଯାଏ। ଶୁଗାର ସ୍ତର ବଢ଼ିବା ହେତୁ ଥକ୍କା ଲାଗେ, ପରିସ୍ରା ଅଧିକ ଲାଗେ ଓ ଶୋଷ ଅଧିକ ଲାଗେ।

- ଗର୍ଭାବସ୍ଥାରେ ମଧୁମେହ ବିଭିନ୍ନ ପ୍ରକାର କାରଣ ହେତୁ ହୋଇଥାଏ, ସେହିପରି ଏହା ଲକ୍ଷଣ ମଧ୍ୟ ବିଭିନ୍ନ ପ୍ରକାର ଦେଖାଯାଇଥାଏ। ଏଣୁ ଗର୍ଭାବସ୍ଥାରେ ସୁରକ୍ଷିତ ରହିବା ପାଇଁ ସମସ୍ତ ପ୍ରକାର ପରୀକ୍ଷା କରି ଡାକ୍ତରଙ୍କ ପରାମର୍ଶରେ ରୁହନ୍ତୁ।

ପ୍ରତିକାର:

- ଗର୍ଭାବସ୍ଥାରେ ମଧୁମେହଠୁ ଦୂରେଇ ରହିବା ପାଇଁ ପ୍ରଥମତଃ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଡାଏଟ୍ ଚାର୍ଟ କରନ୍ତୁ। ସୁସ୍ଥ ଖାଦ୍ୟ ଖାଆନ୍ତୁ। ପ୍ରତିଦିନ ୩ଥର ମଧ୍ୟମ ଧରଣର ଭୋଜନ କରନ୍ତୁ। ଦୁଇଥରରୁ ଅଧିକ ଜଳଖିଆ କରନ୍ତୁ ନାହିଁ। ମିଠା ପାନୀୟ, ମିଠାଫଳ ଜୁସ ଆଦି ଠାରୁ ଦୂରେଇ ରହନ୍ତୁ। ପ୍ରୋଟିନ ଜାତୀୟ ଖାଦ୍ୟ ଖାଆନ୍ତୁ। ଦୁଗ୍ଧ ଜାତୀୟ ଖାଦ୍ୟ ଖାଆନ୍ତୁ। ତନ୍ତୁ ଜାତୀୟ ଖାଦ୍ୟ ମଧ୍ୟ ସାମିଲ କରନ୍ତୁ।
- ଆଜିକାଲି ଏପରି ହେଲାଣି ଗର୍ଭାବସ୍ଥାରେ ଡାଇବେଟିସ ରୋକିବାକୁ ବହୁ କଷ୍ଟସାଧ୍ୟ। କାରଣ ଯାହା ବି ପନିପରିବା ଖାଉଛେ, ସେଥିରେ କୀଟନାଶକ ଔଷଧ ଓ ରଙ୍ଗମିଶା ଯାଉଛି, ଯାହା ରକ୍ତରେ ଶୁଗାର ସ୍ତର ବଢ଼ାଇବାରେ ସହାୟକ ହୋଇଥାଏ। ଏଣୁ ଆମକୁ ସୁସ୍ଥ ଓ ସକ୍ରିୟ ଜୀବନଶୈଳୀ ପାଳନ କରିବା ଦରକାର। ଏଣୁ ଖାଦ୍ୟପେୟ ପ୍ରତି ଟିକେ ସଚେତନ ହେବା ସହ ଡାକ୍ତରଙ୍କ ପରାମର୍ଶ ରହିବା ଦରକାର।
- ଗର୍ଭାବସ୍ଥା ସମୟରେ ସକାରାତ୍ମକ ପରୀକ୍ଷଣ ପରେ ଉଚିତ ଆହାର ଓ ବ୍ୟାୟାମ କରିବା ଦରକାର। କେତେକ ମହିଳା ବ୍ୟାୟାମ କରିବା ବନ୍ଦ କରିଦିଅନ୍ତି। ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତି ନାହିଁ। ଫଳରେ ୨୪ ସପ୍ତାହ ବେଳକୁ ଗର୍ଭବତୀ ମଧୁମେହର ଶିକାର ହୋଇଥାଏ। ଏଣୁ ଖାଦ୍ୟପେୟ ଓ ବ୍ୟାୟାମ ଦିଗ ପ୍ରତି ସର୍ବଦା ସତର୍କ ରହିବା ଦରକାର। କାରଣ ମା' ସୁସ୍ଥ ରହିଲେ ହିଁ ଶିଶୁ ସୁସ୍ଥ ରହିପାରିବ।
- ଯଦି ପୂର୍ବରୁ କେବେ ବ୍ୟାୟାମ କରିନାହାଁନ୍ତି, ତେବେ ଏହି ସମୟରେ ସକାଳୁ ଉଠି ୩୦/୪୫ମିନିଟ୍ ବ୍ୟାୟାମ କରନ୍ତୁ। ଅତିକମରେ ସପ୍ତାହରେ ୩ଦିନ କରନ୍ତୁ।
- ଗହମରୁ ପ୍ରସ୍ତୁତ ରୋଟି, ତନ୍ତୁଜାତୀୟ ଖାଦ୍ୟ, ପ୍ରୋଟିନ ଯୁକ୍ତ ଖାଦ୍ୟ ଖାଆନ୍ତୁ। ଯାହା ରକ୍ତରେ ଶୁଗାର ସ୍ତରକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହୁଏ। ବ୍ୟାୟାମ ସହିତ ଶରୀରକୁ ଆବଶ୍ୟକୀୟ ଖାଦ୍ୟ ଖାଆନ୍ତୁ।
- ଯଦି ଆପଣ ଗର୍ଭାସ୍ଥା ପୂର୍ବରୁ ମୋଟା ଥାଆନ୍ତି, ତେବେ ଅସ୍ୱାସ୍ଥ୍ୟକର ପ୍ରଣାଳୀରେ ପତଳା ହୁଅନ୍ତୁ ନାହିଁ। ଏହା ଗର୍ଭସ୍ଥ ଶିଶୁକୁ ପ୍ରଭାବିତ କରିବ। ଏରୁ ସର୍ବଦା ସ୍ତ୍ରୀରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଓଜନ ହ୍ରାସ କରନ୍ତୁ ଓ ଖାଦ୍ୟପେୟ ତାଲିକା କରି ଖାଦ୍ୟ ଖାଆନ୍ତୁ। ଏହାଦ୍ୱାରା ଡାଇବେଟିସକୁ ଦୂରେଇ ରହିପାରିବେ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଭିନ୍ନକ୍ଷମ ପାପ ନୁହେଁ...

ସମଗ୍ର ପ୍ରାଣୀ ଜଗତରେ ବେଳେ ବେଳେ ବିକଳାଙ୍ଗ ବା ଭିନ୍ନକ୍ଷମ ଶିଶୁ ଜନ୍ମ ଗ୍ରହଣ କରନ୍ତି । ଏହା ଏକ ସାଧାରଣ ପ୍ରାକୃତିକ ସତ୍ୟ । ପଶୁ ଓ ପକ୍ଷୀଙ୍କ ବିକଳାଙ୍ଗ ଶିଶୁ ପ୍ରତି ମଣିଷ ବେଶି ଗୁରୁତ୍ୱ ଦେଇ ନଥାଏ । କିନ୍ତୁ ମଣିଷ ଜାତିରେ ବିକଳାଙ୍ଗ ଶିଶୁଟିଏ ଜନ୍ମ ହେଲେ ପିତା, ମାତା ଓ ପରିବାର ଲୋକମାନେ ଚିନ୍ତାରେ ବୁଡ଼ି ଯାଆନ୍ତି । ବିକଳାଙ୍ଗ ଦୋଷ, ଶରିରୀକ ଓ ଓ ମାନସିକ ଦୁଇପ୍ରକାର ହୋଇଥାଏ । ବେଳେ ବେଳେ ଉଭୟ ପ୍ରକାର ବି ହୋଇଥାଏ । ଶିଶୁର ବିକଳାଙ୍ଗ ଦୋଷର କାରଣ ଜାଣିବା ପାଇଁ ଆଦିମ କାଳରୁ ଶରୀର ବିଜ୍ଞାନୀମାନେ ବିଭିନ୍ନ ଉପାୟରେ ଅନୁସନ୍ଧାନ ଓ ଗବେଷଣା କରି ଆସିଛନ୍ତି । ଶରୀର ଭିତରେ ରହିଥିବା ଜଟିଳ ସୂକ୍ଷ୍ମ ଅଙ୍ଗ ପ୍ରତ୍ୟଙ୍ଗକୁ ପ୍ରାମାଣିକ ଭାବେ ପରୀକ୍ଷା କରିବା ଜ୍ଞାନ ଓ ବ୍ୟବସ୍ଥା ନ ଥିବାରୁ କୌଣସି ଚିକିତ୍ସକ ନିର୍ଦ୍ଦିଷ୍ଟ ଭାବେ କାରଣ ଦର୍ଶାଇ ପାରୁ ନଥିଲେ । ଅପରନ୍ତୁ ଈଶ୍ୱର ହିଁ ବିଶ୍ୱ ଓ ପ୍ରାଣୀ ଜଗତର ସୃଷ୍ଟିକର୍ତ୍ତା ବୋଲି ବିଶ୍ୱାସ ଥିବା କାରଣରୁ ବିକଳାଙ୍ଗ ଶିଶୁ ବି ଈଶ୍ୱରଙ୍କ ଇଚ୍ଛାରୁ ଜାତ ବୋଲି ପ୍ରଚାର କରାଗଲା । ଈଶ୍ୱରଙ୍କ ମହାନତା ସମ୍ପର୍କରେ କୁହାଯାଏ - "ଈଶ୍ୱର ଯାହାବି କରନ୍ତି ପ୍ରାଣୀର ମଙ୍ଗଳ ପାଇଁ" । ଜଣେ ବିକଳାଙ୍ଗ ବ୍ୟକ୍ତି ଦ୍ୱନ୍ଦ୍ୱରେ ପଡ଼ି ଯଦି ପ୍ରଶ୍ନ କରେ - "ମୋତେ ଭିନ୍ନକ୍ଷମ କରି ଜନ୍ମ ଦେଇ ଈଶ୍ୱର ମୋର କିଭଳି ମଙ୍ଗଳ କରିଛନ୍ତି ? ତାର ଏହି ସରଳ ପ୍ରଶ୍ନର ଉତ୍ତର ପାଇଁ ଧର୍ମଶାସ୍ତ୍ରରୁ ଉଦ୍ଧୃତ କରି ଧର୍ମଗୁରୁମାନେ ଯେଉଁ କଥା ସବୁ କହିଛନ୍ତି, ତାହା ଅତ୍ୟନ୍ତ ଦୁଃଖଦାୟକ । ସେଗୁଡ଼ିକ ଅବିଶ୍ୱାସନୀୟ, ଭିତ୍ତିହୀନ ତଥ୍ୟ ଓ ଅବୈଜ୍ଞାନିକ ଦୃଷ୍ଟିକୋଣ ଉପରେ ପର୍ଯ୍ୟବେସିତ । ସେମାନେ କୁହନ୍ତି - "ଏହା ପୂର୍ବ ଜନ୍ମର କର୍ମଫଳ । ପୂର୍ବ ଜନ୍ମରେ କରିଥିବା ମନ୍ଦ କର୍ମ ଯୋଗୁଁ ତୁ ପାପ କରିଛୁ । ଈଶ୍ୱର ଏହି ଜନ୍ମରେ ତୋତେ ବିକଳାଙ୍ଗ କରି ଜନ୍ମ ଦେଇ ଦଣ୍ଡ ବିଧାନ କରିଛନ୍ତି । ଆସନ୍ତା ଜନ୍ମରେ ମଙ୍ଗଳ ହେବ ।" ଏଇଠି ପ୍ରଶ୍ନ ଉଠୁଛି - ଯଦି ଶିଶୁଟି ତା'ର ପୂର୍ବ ଜନ୍ମର କର୍ମ ଦୋଷରୁ ବିକଳାଙ୍ଗ ହୋଇ ଜନ୍ମ ହୋଇଛି, ତେବେ ମଣିଷ ଡାକ୍ତର ତା'ର ଚିକିତ୍ସା କରିବା ଦରକାର କଅଣ ? ଚିକିତ୍ସା କରିବା ଦ୍ୱାରା, ଡାକ୍ତରମାନେ ଈଶ୍ୱରଙ୍କ କର୍ମଫଳ ବ୍ୟବସ୍ଥାରେ ହସ୍ତକ୍ଷେପ କରୁଛନ୍ତି। ଏହା ଦ୍ୱାରା ଈଶ୍ୱର ଅପମାନିତ ହୋଇ ଡାକ୍ତରମାନଙ୍କୁ ଦଣ୍ଡ ଦେବା କଥା । ସେମିତି ଦଣ୍ଡ କିଏ ପାଉଛନ୍ତି ? ଆସନ୍ତା ଜନ୍ମରେ କଅଣ ମିଳିବ ନ ମିଳିବ ଏହା ସମ୍ପୂର୍ଣ୍ଣ କଳ୍ପନା ମାତ୍ର । ଜନ୍ମ ଜନ୍ମାନ୍ତରରେ କର୍ମଫଳ ମିଳୁଥିବା କଥା ନିହାତି ଅସଙ୍ଗତ ଓ ନିରାଧାର । ଆସନ୍ତା ଜନ୍ମରେ ଯଦି ଫଳ ମିଳୁଛି, ତେବେ ପ୍ରଶ୍ନ ଉଠୁଛି - ଫଳ କାହାକୁ ମିଳୁଛି ? ଶରୀରକୁ ନା ଆତ୍ମାକୁ ? ଯଦି ଶରୀରକୁ ମିଳୁଛି, ସେହି ଶରୀର କେଉଁଠି ରହୁଛି ? ଆମେ ଦେଖୁଛୁ ପାପ କରିଥିବା ଶରୀର ତ ଏହି ଦୁନିଆରେ ହିଁ ନଷ୍ଟ ହୋଇ ଯାଉଛି । ଯଦି ଆତ୍ମାକୁ ମିଳୁଛି ବୋଲି କହିବେ, ତେବେ ଶାସ୍ତ୍ର ଓ ପୁରାଣ ଅନୁସାରେ ତ ଆତ୍ମା କିଛି କରୁ ନାହିଁ । ସେ ନିର୍ଲିପ୍ତ, ଅକର୍ତ୍ତା, ଅଭୋକ୍ତା ଏକ ଶକ୍ତି ମାତ୍ର । ଆତ୍ମାକୁ ଦଣ୍ଡ ମିଳିବ କାହିଁ ? ଶରୀରକୁ ଦଣ୍ଡ ମିଳିଲେ, ଏହି ଜନ୍ମରେ ହିଁ ମିଳିବା ଉଚିତ । କାରଣ ଯେଉଁ ଶରୀର ପାପ କରିଛି ସେ ଦଣ୍ଡ ହିଁ ଭୋଗ କରିବ । ଯଦି ହାତ ଭୁଲ କରେ, ହାତ ଭାଙ୍ଗି ଯାଉ, ଆଖି ଦ୍ୱାରା ପାପ ହେଲେ ଆଖି ନଷ୍ଟ ହୋଇଯାଉ । ଯୌନାଙ୍ଗ ଦ୍ୱାରା ପାପ ହେଲେ ତାହା ନଷ୍ଟ ହୋଇଯାଉ । ଏହା ଦ୍ୱାରା ଈଶ୍ୱରଙ୍କ କର୍ମଫଳ ସିଦ୍ଧାନ୍ତର ତୁରନ୍ତ ପ୍ରମାଣ ମିଳିବ ଏବଂ ଅନ୍ୟମାନଙ୍କ ପାଇଁ କିଛି ଦୃଷ୍ଟାନ୍ତ ରୂପେ କାମ କରିବ । ଆଉ କେହି ପାପ କରିବାକୁ ସାହସ କରିବେନି । ଏମିତି କେବେ ହେଉଛିକି ? ଆଧୁନିକ ବିଜ୍ଞାନର ବିକାଶ ହେବା ଫଳରେ ଜୀବ ବିଜ୍ଞାନୀମାନେ ବିଭିନ୍ନ ଉପାୟରେ ଶରୀର ଓ ମନକୁ ନେଇ ଗବେଷଣା କଲେ । ଧିରେ ଧିରେ ଅନେକ ରୋଗର ପ୍ରମାଣିକତା ସିଦ୍ଧ ହେଲା । ବିକଳାଙ୍ଗ ଅଙ୍ଗକୁ ଶଲ୍ୟ ଚିକିତ୍ସା ଦ୍ୱାରା ଠିକ୍ କରାଯାଇ ପାରିଲା । ମାନସିକ ସ୍ତରରେ ଅସୁସ୍ଥ ଶିଶୁମାନଙ୍କୁ ବିଭିନ୍ନ ପ୍ରକାର ମନୋବୈଜ୍ଞାନକ ପଦ୍ଧତିରେ ଚିକିତ୍ସା କରି ଉତ୍ତମ ପରିଣାମ ପ୍ରାପ୍ତ ହେଲାଣି । ଶିଶୁ ବିକଳାଙ୍ଗ ହେବା ପଛରେ କେତେକ ବୈଜ୍ଞାନକ କାରଣ ସ୍ପଷ୍ଟ ହୋଇଛି । ବଂଶଗତ ରୋଗ, ପିତା କିମ୍ବା ମାତାଙ୍କ ରୋଗ, ଗର୍ଭାଶୟରେ ଭ୍ରୂଣର ସ୍ଥିତି, ଗର୍ଭଧାରଣ ସମୟରେ ମାଆର ନିଷିଦ୍ଧ ଆହାର, ବିହାର ଇତ୍ୟାଦି । ସେହି ସବୁ କାରଣକୁ ଅନୁସନ୍ଧାନ କରିବା ପାଇଁ ସାରା ଦୁନିଆର ଡାକ୍ତରମାନେ ଗଭୀର ଅଧ୍ୟୟନ ଓ ଗବେଷଣା କରୁଛନ୍ତି । ସେମାନଙ୍କର ଗବେଷଣା ଲବ୍ଧ ଜ୍ଞାନ ଧର୍ମ ଓ ଜାତି ନିର୍ବିଶେଷରେ ସମସ୍ତ ମାନବଜାତି ଉପକୃତ ହେବା ପାଇଁ ବ୍ୟବହାର ହେଉଛି । ସେଥିପାଇଁ ଆଜି କୌଣସି ମାତା, ପିତା ନିଜର ବିକଳାଙ୍ଗ ଶିଶୁକୁ ଈଶ୍ୱରଙ୍କ ଅଭିଶାପ ବା ଦଣ୍ଡ ଭାବି ଚୁପ୍ ରହୁନାହାନ୍ତି । ଜେଣ ଭିନ୍ନକ୍ଷମ ବ୍ୟକ୍ତି ପାଇଁ ପରିବାର ଲୋକମାନଙ୍କ ଚିନ୍ତା ଯାହା ବି ହେଉ, ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଯଦି ପୂର୍ବଜନ୍ମର କର୍ମଫଳ କହି ସାନ୍ତ୍ୱନା ଦିଆଯାଏ, ସେ ମାନସିକ ସ୍ତରରେ ଭୀଷଣ ଆଘାତ ପାଏ । ସେ କେବେ କିଛି ମନ୍ଦ କର୍ମ ନ କରି ମଧ୍ୟ ଅପରାଧ ବୋଧ ଅନୁଭବ କରେ, ଅନ୍ୟମାନଙ୍କ ଠାରୁ ନିଜକୁ ହୀନ ମନେ କରେ । ଭିତ୍ତିହୀନ ବିଶ୍ୱାସ ଯୋଗୁଁ ସେମାନଙ୍କୁ ପାପୀ କହିବା ଅନୁଚିତ । ତେଣୁ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରି, ସମାଜରେ ସକ୍ଷମ ଜୀବନ ଯାପନ ପାଇଁ ଉତ୍ସାହିତ କରିବା ସମସ୍ତଙ୍କର ପରମ କର୍ତ୍ତବ୍ୟ ।

ଆସିଛି ବରଷା ରାଣୀ.....

ସୁଧାକର ରାଉତ

ଜଳ ଜଳ ବୋଲି ଧରଣୀ ରାଣୀଟା
କାନ୍ଦୁଥିଲା ଅହରହ
ଦୂର ନଭେ ଥାଇ ବରଷା ରାଣୀଟା
ବୁଝିଗଲା ତାର କୋହ ।

ଥିରି ଥିରି ପାଦେ ମେଘ ପାଲିଙ୍କିରେ
ଆନନ୍ଦିତ ମନେ ଆସି
ତା ଆଗମନରେ ସ୍ଥାବନ ଜଙ୍ଗମେ
ମନ ଭରି ଦେଲା ଖୁସି ।

ଟପ ଟପ ଶବ୍ଦେ ବରଷି ଗଲାସେ
ସୁଶୀତଳ ଧରା ତନୁ
ସୁଷ୍ମତରୁ ଲତା ପଲ୍ଲବିତ ହେଲେ
ଖେଦ ତେଜି ନିଜ ମନୁ ।

ଖିଲି ଖିଲି ହସି ଟଗର, ତରାଟ
ମାଧବୀ, ମଲ୍ଲୀ, ମାଳତୀ
ମହମହ ବାସ ଛୁଟାଇଲେ ପୁଣରି
ମନ୍ଦାର, ଯୁଇ, ସେବତୀ ।

କଳ କଳ ନାଦ କରି ଝରଣାଟି
ଚାଲିଲା ଆଗକୁ ବଢ଼ି
ହଜାଇ ଦେବାକୁ ନିଜର ସତ୍ତାଟି
ନଦୀ ଜଳରେ ଅଜାଡ଼ି ।

ଫକ ଫକ ଡେଇଁ ବେଙ୍ଗ ବେଙ୍ଗୁଲୀ ଏ
ଦେଖି ଚାରିଆଡ଼େ ପାଣି
ସାରୁ ବୁଦା ମୂଳେ ବସନ୍ତି ଆନନ୍ଦେ
ତା ପତ୍ର ଛତାକୁ ଟାଣି ।

ସର ସର ଓଦା ହୋଇ କୁନା କୁନି
କାଗଜରେ ଡଙ୍ଗା କରି
ଭସାଇ ଖୁସିରେ ଚାହାନ୍ତି ଲୟରେର
ସେ ସୁଅ କାଟେ କିପରି ।

ତର ତର ହୋଇ ଚାଷୀ ବାପୁଡାଟି
ଧରି ତା ବଳଦ ହଳ
ଧରଣୀ ମାଆର ବୁକୁ ଚିରିବ ସେ
ଲବିଭ ତା ଶ୍ରମ ଫଳ ।

ଟୁପୁରୁ ଟୁପୁରୁ ବର୍ଷି
ପରିବେଶ ସନ୍ତୁଳନ ରକ୍ଷା କଲେ
କହେ ଆସିବ ହରଷି ।

+ ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨

ଚୀନର୍ ଲଦାଖ ଚିନ୍ତା

ଗୋପାଳ ମହାପାତ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଚୀନ ସରକାର ଲଦାଖ ସୀମାରେ ଯେଉଁ ଅଂଶକୁ କବ୍‌ଜା କରିନେଇଥିଲେ ସେ ଅଂଶରେ ବିଭିନ୍ନ ନିର୍ମାଣ କାର୍ଯ୍ୟ କରିଚାଲିଥିଲେ । ଅବିକଶିତ ଲଦାଖ ଚୀନ ପାଇଁ ଦୁଇ କୂଳରୁ ଅନୁକୂଳ ଥିଲା । ପ୍ରଥମତଃ ମନୋବୈଜ୍ଞାନିକ । ଲଦାଖର ଲୋକେ ଯେତେବେଳେ ସୀମାରେ ବିକାଶ ଦେଖୁଥିଲେ ସେତେବେଳେ ସେମାନଙ୍କ ମନରେ ଜାମ୍ମୁ-କାଶ୍ମୀର ସରକାର ଏପରିକି ଭାରତ ସରକାର ପ୍ରତି ବିଦ୍ୱେଷ ଭାବ ସୃଷ୍ଟି ହେଉଥିଲା । ଦ୍ୱିତୀୟତଃ ସାମରିକ ଦୃଷ୍ଟିକୋଣରୁ ଲଦାଖ ଚୀନ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା । କାରଣ ଭାରତ ସରକାର ବା ଜାମ୍ମୁ-କାଶ୍ମୀର ରାଜ୍ୟ ସରକାର ସୀମାନ୍ତ ଅଞ୍ଚଳରେ ବିକାଶ କାର୍ଯ୍ୟକୁ ଦୃଷ୍ଟିଦେଉ ନଥିଲେ । କିନ୍ତୁ ଏବେ ଲଦାଖ ସୀମାରେ ବିକାଶ କାର୍ଯ୍ୟକ୍ରମ ଯଥା ସଡ଼କ ଓ ପୋଲ ନିର୍ମାଣ ଚୀନ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । ଏହାର କାରଣ ହେଉଛି ଯୁଦ୍ଧ ପରିସ୍ଥିତି ପାଇଁ ସଡ଼କ ଓ ପୋଲ ସର୍ବାଧିକ ମହତ୍ୱପୂର୍ଣ୍ଣ । ଯୁଦ୍ଧ ପରିସ୍ଥିତିରେ ସେନାର ଗତାଗତ ଓ ସାଜସରାମ ପରିବହନ ପାଇଁ ସଡ଼କ ଓ ପୋଲର ଆବଶ୍ୟକତା ଅଧିକ । ଲଦାଖ କେନ୍ଦ୍ରଶାସିତ ରାଜ୍ୟରେ ପରିଣତ ହେବାପରେ ସରକାର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ହାତକୁ ନେଇଛନ୍ତି ।

ଲଦାଖ ସୀମାରେ ଭାରତ ପକ୍ଷରୁ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ଓ ଲଦାଖ କେନ୍ଦ୍ରଶାସିତ ରାଜ୍ୟରେ ପରିଣତ ହେବା ପରେ ଗିଲଗିଟ୍ ବାଲଟିସ୍ଥାନ ଭାରତ ଅଧିନକୁ ଚାଲିଯିବାର ଆଶଙ୍କା କରୁଛି ଚୀନ । ଲଦାଖର ସାମରିକ ଗୁରୁତ୍ୱ କୁ ଦୃଷ୍ଟିରେ ରଖି ଏବଂ ଲଦାଖବାସୀଙ୍କ ଜୀବନସ୍ତରକୁ ଉନ୍ନତ କରାଯିବା ପାଇଁ ଭାରତ ସରକାର ବିଭିନ୍ନ ପ୍ରଚେଷ୍ଟା ଜାରୀ ରଖିଛନ୍ତି । ଚୀନ ବୁଝିସାରିଛି ଯେ ଲଦାଖରେ ମନୋବୈଜ୍ଞାନିକ ଯୁଦ୍ଧରେ ହାରିଲେ ସାମରିକ ଯୁଦ୍ଧରେ ଜିତିବା ତା ପକ୍ଷେ କଷ୍ଟକର ହୋଇପଡ଼ିବ । ଏଇଥିପାଇଁ ଲଦାଖ ର ଗଲବାନ ଘାଟି ଠାରେ ଅଧିକ ସେନା ମୁତୟନ କରିବା ଏପରିକି ଚୀନ ସେନାଙ୍କ ଦ୍ୱାରା ଭାରତୀୟ ସେନାଙ୍କୁ ଆକ୍ରମଣ କରାଇବା ଭଳି ଘଟଣା ଘଟାଇ ଲଦାଖ ଲୋକଙ୍କ ମନୋବଳ ଭାଙ୍ଗିବାକୁ ଚେଷ୍ଟା କରୁଛି । କିନ୍ତୁ ସୀମାରେ ଚୀନ ସେନାର ହିଂସକ ଆକ୍ରମଣ ପରେ ଭାରତୀୟ ସେନା ଉଚିତ୍ ଜବାବ ଦେଇଛି । ଚୀନର ଅନେକ ଜବାନ ମୃତାହତ ହୋଇଛନ୍ତି କିନ୍ତୁ ଚୀନ ଗତ ମାସ ୧୫ତାରିଖ ରାତ୍ରୀର ଘଟଣାରେ ମୃତାହତ ଜବାନଙ୍କ ସମ୍ପର୍କରେ ସେ ଦେଶର ଲୋକମାନଙ୍କୁ ସଠିକ୍ ସୂଚନା ଦେଉନାହିଁ । ଏଠାରେ ସୂଚନା ଦେବା ଉଚିତ୍ ଯେ ଚୀନ ଧୋକା ଦେଇ ଆକ୍ରମଣ କରିଥିଲା । ଏପରିକି ଏଭଳି ଘଟଣା ପାଇଁ ପୂର୍ବରୁ ପ୍ରସ୍ତୁତ ଥିଲା । ଦୁଇ ଦେଶ ବା ପକ୍ଷ ମଧ୍ୟରେ ଆଲୋଚନା ଚାଲିଥିବାବେଳେ ଏଭଳି ଘଟଣାକୁ ବିଶ୍ୱାସଘାତକତା ଛଡ଼ା ଆଉ କିଛି କୁହାଯାଇନପାରେ । କିନ୍ତୁ ଚୀନ ପାଲଟା ଜବାବ ପାଇଛି । କୌଣସି ସନ୍ଦେହ ନାହିଁ ଯେ ଚୀନ ବୁଝିପାରିଛି ଭାରତ ର ଜବାନଙ୍କ ମନୋବଳ ଓ କ୍ଷମତା କେତେ । ଦ୍ୱିତୀୟ କଥା ହେଉଛି ଲଦାଖବାସୀଙ୍କ ଚାରଣ ଭୂମି ଉପରେ ଚୀନ ଆଧିପତ୍ୟ ଦେଖାଉଥିଲା ଓ ଲଦାଖବାସୀଙ୍କୁ ହଇରାଣ କରୁଥିଲା । କିନ୍ତୁ ଏବେ ଲଦାଖରେ ସେଭଳି ସ୍ଥିତି ନାହିଁ । ଭାରତୀୟ ସେନା ଲଦାଖରେ ନିଜର ସ୍ଥିତି ଜମାଇପାରିଛନ୍ତି । ଚୀନ ଲଦାଖରେ ଅନିଶ୍ଚିତତା ସୃଷ୍ଟି ପାଇଁ ଉଦ୍ୟମ କରୁଥିଲା ଓ କରୁଛି ମଧ୍ୟ । କିନ୍ତୁ ମୁହାଁ ମୁହିଁ ଯୁଦ୍ଧ କରିବାକୁ ସାହାସ କରିପାରୁନାହିଁ । କାରାକୋରମ ମାର୍ଗକୁ ଭାରତୀୟ ସେନା ଅକ୍ତିଆର କୁ ଆଣିବା ପାଇଁ ଉଦ୍ୟମରତ । ଧାରା ୩୭୦ ହଟିବା ପରେ ଲଦାଖର ପରିଦୃଷ୍ୟ ପୁରାପୁରି ବଦଳିଯାଇଛି ଯାହା ଚୀନ ପାଇଁ ଚିନ୍ତାର କାରଣ ପାଲଟିଛି । ଚୀନ ଲଦାଖରେ ଉତ୍ତେଜନା ସୃଷ୍ଟି କରିବାର ପ୍ରମୁଖ କାରଣ ହେଉଛି ୩୭୦ ଧାରା ଉଠିବା ଓ ଲଦାଖ ଏକ ସ୍ୱତନ୍ତ୍ର ରାଜ୍ୟ ହେବା ପରେ ଗିଲଗିଟ୍ ବାଲଟିସ୍ଥାନ ଲଦାଖ ଅକ୍ତିଆରକୁ ଆସିଯିବ ବୋଲି ଚୀନ ଆଶଙ୍କା ପ୍ରକାଶ କରି ଆତଙ୍କିତ ହୋଇପଡ଼ିଛି । ଯଦି ଗିଲଗିଟ୍-ବାଲଟିସ୍ଥାନ ଭାରତ ଅକ୍ତିଆରକୁ ଚାଲିଆସେ ତେବେ ଚୀନ-ପାକିସ୍ତାନ ଇକୋନୋମିକ୍ କରିଡ଼ର ବାଧାପ୍ରାପ୍ତ ହେବ ଯେଉଁଥିପାଇଁ ଚୀନର ଆର୍ଥୀକ ଅବସ୍ଥା ମଧ୍ୟ ବିଗିଡ଼ି ଯିବ । ଏଥିସହିତ ଗ୍ୱାଦାର ବନ୍ଦରକୁ ସଂଯୋଗ କରୁଥିବା ଏହି କରିଡ଼ର କାର୍ଯ୍ୟ ବାଧାପ୍ରାପ୍ତ ହେଲେ ଚୀନର ଗ୍ୱାଦାର ବନ୍ଦର ମଧ୍ୟ କ୍ଷତିଗ୍ରସ୍ତ ହେବ । ଏଣୁ ଆତଙ୍କିତ ଚୀନକୁ ଏବେ ଲଦାଖ ଚିନ୍ତା ଘାରିଛି । ଲଦାଖ ଚୀନ ପାଇଁ ଏବେ ଏମିତି ଏକ କଣ୍ଟା ପାଲଟିଛି ଯାହାକୁ ଚୀନ ଗିଳିପାରୁନି କି କାଢ଼ି ମଧ୍ୟ ପାରୁନି । (ସମାପ୍ତ)

+ ରାମଚନ୍ଦ୍ରପୁର
ରଣପୁର,
ମୋ.-୯୪୩୮୪୮୫୦୯୪

ସ୍ୱାଧିନତା ସଗ୍ରାମର୍ ପିତାମହ- ତିଲକ

ଅକ୍ଷୟ କୁମାର ରାଉତ

ଇଂରେଜ ଶାସନର ରଥଚକ ତଳେ ଭାରତୀୟ ଅର୍ଥନୀତି, ରାଜନୀତି ଓ ସାଂସ୍କୃତିକ ଜୀବନ ଦୟନୀୟ ଅବସ୍ଥାରେ ଥିଲାବେଳେ, କାଳଜୟୀ,ଯଶସ୍ୱୀ, ପ୍ରଜ୍ଞା ପୁରୁଷ ,ନିର୍ଭିକ ସାମ୍ବାଦିକ,ପ୍ରବୀଣ ରାଜନୀତିଜ୍ଞ,ସତ୍ୟନିଷ୍ଠ ଦେଶ ପ୍ରେମୀ, ପରମ ପୂଜ୍ୟ, ଦୀନ ଦୁର୍ବଳର ବନ୍ଧୁ ଭାରତୀୟ ସଂସ୍କୃତିର ପୁରୋଧା ଓ ସ୍ୱାଧୀନତାର ପଥ ପ୍ରଦର୍ଶକ କେଶବ(ବାଲ୍)ଗଙ୍ଗାଧର ତିଲକ ପୂଣ୍ୟାତ୍ମା ଗଙ୍ଗାଧର ତିଲକ (ପନ୍ଥୁ) ଓ ପାର୍ବତୀ ବାଇ ଙ୍କ କୋଳ ମଣ୍ଡନ କରି ୧୮୫୬ ମସିହା ଜୁଲାଇ ୨୩ତାରିଖରେ ମହାରାଷ୍ଟ୍ରର ରତ୍ନଗିରି ସହରରେ ଚିତପାବନ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପ୍ରଥମେ କେଶବ ନାମ ଥିଲା । ପରେ ବାଲ୍ ଡାକ ନାମରେ ତିଲକ ପରିଚିତ ହେଲେ । ପିତାମହ ରାମଚନ୍ଦ୍ର ଙ୍କ ଠାରୁ ବାଲ୍ ଗଙ୍ଗାଧର୧୮୫୭ ର ମହାନ୍ ବିପ୍ଳବ ଶୁଣିଥିଲେ ଏହି ଘଟଣା ତାଙ୍କ ଉପରେ ପ୍ରଭାବ ପକାଇଥିଲା । ପିତାମହ ସଂସାର ପରିତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରିବାରୁ ଗଙ୍ଗାଧରଙ୍କ ଉତରୋତର ଶିକ୍ଷା ସମ୍ଭବ ହେଲା ନାହିଁ । ତେଣୁ ସେ ମରାଠୀ ବିଦ୍ୟାଳୟରେ ଶିକ୍ଷକତା କରିବା ସମୟରେ ସଂସ୍କୃତ ଶାସ୍ତ୍ର ଅଧ୍ୟୟନ କରି ପାରଦର୍ଶିତା ଲାଭ କଲେ । ଚିପଲୁ ଙ୍କ ର ନିବନ୍ଧ ମାଳା କୁ ତିଳକପୂର୍ଣ୍ଣ ସମର୍ଥନ କରିବାରୁ ଜାତୀୟତା ମନୋଭାବ ବିକଶିତ ହେଲା । ୧୮୭୬-୭୭ରେ ଦାକ୍ଷିଣାତ୍ୟ ଅଂଚଳର ଘୋର ଦୂର୍ଭିକ୍ଷ ବାଳ ଗଙ୍ଗାଧର ଙ୍କୁ ପ୍ରଭାବିତ କରିଥିଲା । ମାତୃଭୂମିର ସ୍ୱାଭିମାନ କେବଳ ଶିକ୍ଷା ମାଧ୍ୟମରେ ସୁରକ୍ଷିତ ହୋଇପାରିବାର ଅନୁଭବ ତିଳକ ହିଁ କରିପାରିଥିଲେ ।ତେଣୁ ସେ ସାର୍ବଜନୀନ କାକା ଶ୍ରୀ ଗଣେଶ ବାସୁଦେବ ଯୋଷୀ ଙ୍କ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲେ । ଗୋପାଳ ଅଗରକର ଓ ତିଳକ ଦୁଇ ବନ୍ଧୁ ଦେଶ ବାସିଙ୍କ ହିତ ପାଇଁ ଜୀବନ ଉତ୍ସର୍ଗ କରିବାକୁ ସଂକଳ୍ପବଦ୍ଧ ଥିଲେ । ତେଣୁ ଦୁଇ ବନ୍ଧୁ ଧାର୍ମିକ ସାମାଜିକ, ଓ ରାଜନୈତିକ ସଂଗଠନ ଗୁଡିକରେ ସକ୍ରିୟ ସଂପର୍କ ରକ୍ଷା କରିଥିଲେ ।ଅଗରକର ଡେକାନ୍ କଲେଜରୁ ଏମ୍.ଏ ଓ ତିଳକ ବମ୍ବେ ବିଶ୍ୱବିଦ୍ୟାଳୟରୁ ଆଇନ୍ ଡିଗ୍ରୀ ହାସଲ କରି ଦେଶ ସେବା ପାଇଁ ନିଜକୁ ସଂପୂର୍ଣ୍ଣ ପ୍ରସ୍ତୁତ କରିପାରିଥିଲେ । ଚିପଲୁ, ଅଗରକର ଓ ତିଳକ ଚିନ୍ତା କଲେ ଶିକ୍ଷା ବିନା ଭାରତରେ ଜନବିପ୍ଳବ ସମ୍ଭବ ନୁହେଁ । ତେଣୁ ସେମାନେ ୧୮୮୦ ସାଲ ଜାନୁୟାରୀ ୧ ତାରିଖରେ ନିଉ ଇଂଲିଶ ସ୍କୁଲ୍ ନାମକ ଶିକ୍ଷାନୁଷ୍ଠାନ ସ୍ଥାପନ କଲେ । ବିଦ୍ୟାଳୟ ପରିଦର୍ଶନରେ ହଣଟର ସାହେବ ଯେଉଁ ମନ୍ତବ୍ୟ ଦେଲେ ତାହା ଅତ୍ୟନ୍ତ ଉତ୍ସାହ ଜନକ ଥିଲା । ତେଣୁ ପ୍ରତିଷ୍ଠାତାମାନେ ଉଚ୍ଚ ଶିକ୍ଷାର ଅଧିକ ପ୍ରସାର କରିବାକୁ ଆଗଭର ହେଲେ । ଡେକାନ୍ ଶିକ୍ଷା ସମିତି ଆନୁକୂଲ୍ୟରେ ନିଉ ଇଂଲିଶ ସ୍କୁଲ୍ ଓ ଫର୍ଗୁସନ କଲେଜ ମହାରଷ୍ଟ୍ରର ଉଚ୍ଚ ଶିକ୍ଷା କ୍ଷେତ୍ରରେ ବିଶେଷ ମହତ୍ୱପୂର୍ଣ୍ଣ ଥିଲା । ସମିତି ସଭ୍ୟ ମାନଙ୍କ ସହିତ ବିତର୍କ ଓ ମତାନ୍ତର ଯୋଗୁଁ ତିଳକ ଇସ୍ତଫା ଦେଇଥିଲେ ।

ପରାଧୀନ ଭାରତୀୟ ଜନସାଧାରଣଙ୍କର ଆଭିମୁଖ୍ୟ ଓ ମତକୁ ସରକାରଙ୍କ ପାଖରେ ଉପସ୍ଥାପନ କରିବା ପାଇଁ, ତିଳକ ୧୮୮୧ ରେ ମରାଠୀ ସମ୍ବାଦ ପତ୍ର 'କେଶରୀ' ଓ ଇଂରାଜୀ ସମ୍ବାଦ ପତ୍ର 'ଦି ମରାଠା' ଉଭୟ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ । କେଶରୀ ର ସମ୍ପାଦକ ଥିଲେ ଅଗରକର ଓ ଦି ମରାଠା ର ସମ୍ପାଦକ ଦାୟିତ୍ୱ ତିଳକ ସ୍ୱୟଂ ଗ୍ରହଣ କରିଥିଲେ । ଉଭୟ ପତ୍ରିକା ମରାଠା ମାନଙ୍କ ଭିତରେ ଜାତୀୟ ଚେତନା ଓ ରାଜନୀତିକ ଜାଗୃତି ସୃଷ୍ଟି କରିବାରେ ସଫଳ ହୋଇଥିଲା । ତିଳକ ଜାତୀୟ ଜନ ଜିବନର ସମସ୍ୟା ମାନ ଉପସ୍ଥାପନ କରି ମରାଠୀ ସାହିତ୍ୟର ଉନ୍ନତି ଓ ବିକାଶର ମଧ୍ୟ ସହାୟକ ହୋଇଥିଲେ । ଅଗରକର ସମ୍ପାଦନ ପଦରୁ ଓହରି ଯିବାରୁ ତିଳ

ଲେଖିବା ଆରମ୍ଭ ସମୟରେ ଶିଶୁଙ୍କର ଦ୍ୱନ୍ଦ୍ୱ

ଶିଶୁମାନେ ଯେତେବେଳେ ପ୍ରଥମ କରି ପାଠପଢା ଆରମ୍ଭ କରିବା ସହିତ ବିଦ୍ୟାଳୟ ଯାଆନ୍ତି, ସେହି ସମୟରେ ସେମାନେ କେଉଁ ହାତରେ ଲେଖିବେ ସେଥିନେଇ ଦ୍ୱନ୍ଦ୍ୱରେ ପଡିଥାନ୍ତି ବୋଲି ଏକ ନୂତନ ଗବେଷଣାତ୍ମକ ଅନୁଧ୍ୟାନରୁ ଜଣାପଡିଛି । ଗବେଷକଙ୍କ କହିବାନୁଯାୟୀ, ଶିଶୁର ଶାରୀରିକ ଓ ଶୈଖିକ ବିକାଶରେ ଏହା ପ୍ରତିବନ୍ଧକ ସୃଷ୍ଟି କରିଥାଏ । ମନସ୍ତତ୍ତ୍ୱବିତ୍‌ଙ୍କ ମତରେ ୫ ବର୍ଷ ବୟସ୍କ ୩୦ ପ୍ରତିଶତ ପିଲା ଲେଖିବା ପାଇଁ ବାମ ହାତ କିମ୍ବା ଦକ୍ଷିର ହାତ ବ୍ୟବହାର କରିବେ ତାହା ଜାଣିନଥାନ୍ତି । କେଉଁ ହାତରେ ପେନ୍‌ସିଲ ବା ଚକ୍ ଧରିବେ ସେଥିନେଇ ଦ୍ୱନ୍ଦ୍ୱରେ ପଡିଯାଇଥାନ୍ତି । ଅତୀତ ଅପେକ୍ଷା ଏବେ ପିଲାମାନେ ଧୀରେ ବିକଶିତ ହେଉଥିବା ଗବେଷକ କହିଛନ୍ତି; ଯାହାଫଳରେ କି ବୟସ ବଢିବା ପରେ ମଧ୍ୟ ଆଳୁ ଚୋପା ଛଡାଇବା ଭଳି ସାଧାରଣ କାର୍ଯ୍ୟ ମଧ୍ୟ ଠିକ୍ ଭାବେ କରିପାରିନଥାନ୍ତି । ତେବେ ଶିଶୁର ମନ୍ଥର ବିକାଶ ପାଇଁ ଅଦିକ ସଚେତନ ପିତାମାତା ଦାୟୀ । ସେମାନେ ଛୁଆଟିକୁ ତଳେ ଗଡିବା ବା ଗୁରୁଣ୍ଡିବାର ସୁଯୋଗ ଯିକେ ମଧ୍ୟ ଦେଇନଥାନ୍ତି । ଯଦି ଶିଶୁଙ୍କ ମୋଟର ଦକ୍ଷତା ଆପେ ଆପେ ନ ବଢ଼େ, ସେତେବେଳେ ସେମାନଙ୍କ ବାମ-ଦକ୍ଷିଣ ସମନ୍ୱୟ ଦକ୍ଷତା କମିତା, । ହୁରହାମ୍ କର୍ଟ୍ରି କାଉନସିଲର ମୁକ୍ୟ ମନସ୍ତତ୍ତ୍ୱବିତ୍ ମ୍ୟାଡେଲିନ୍ ପୋର୍ଟଉଡ୍ ଏହି ଗବେଷଣା କରିଛନ୍ତି । ଶିଶୁଙ୍କ ମାନସିକ ଓ ଶାରୀରିକ ଦକ୍ଷତା ବୃଦ୍ଧି କରିବା ପାଇଁ ପିତାମାତା ସେମାନଙ୍କ ସମ୍ମୁଖରେ ଶିଶୁକୁ ଖେଳାଖେଳି କିମ୍ବା କିଛି ଜିନିଷପତ୍ର ଭଙ୍ଗା ଭଙ୍ଗି କରିବା

ସହିତ ଏହାକୁ ଅନୁକରଣ କରିବା ଭଳି ସୁଯୋଗ ସୃଷ୍ଟି କରିବା ଦରକାର । ଯଦି ଶିଶୁଙ୍କୁ ୪ କିମ୍ବା ୫ ବର୍ଷ ବୟସରୁ ପାଠପଢା ଆରମ୍ଭ କରୁଥାନ୍ତି, ତେବେ ପଢାଇବା ସହିତ ଲେଖିବାର ଅଭ୍ୟାସ କରାନ୍ତୁ । କେଉଁ ହାତରେ କିଭଳି ପେନ୍‌ସିଲ ଅଥବା ଚକ୍ ଖଡି ଧରିବ ସେ ସଂପର୍କରେ ମଦ୍ୟ ଧାରଣା ଦିଅନ୍ତୁ । ପୋର୍ଟଉଡଙ୍କ ଗବେଷଣାତ୍ମକ ତଥ୍ୟ ଅନୁଯାୟୀ ତିନିବର୍ଷ ବୟସ୍କ ୫୭ ପ୍ରତିଶତ ପିଲା ଯେଉଁ କାର୍ଯ୍ୟ କରିବା କ୍ଷମତା ରଖିବା କତା ତାହା ରଖିପାରନ୍ତି ନାହିଁ । ଅନେକ କ୍ଷେତ୍ରରେ ଏଭଳି ଦକ୍ଷତାହ୍ରାସର କାରେର ଯେଲିଭିଜନ ଦେଖିବା ବୋଲି ମଧ୍ୟ ପୋର୍ଟଉର୍ଡ୍ ଏକ କାରର ସଂପର୍କରେ ସତର୍କ କରାଇ ଦେଇଛନ୍ତି ।

ଏଠି ବେବି ୱାକର୍ ନିଷିଦ୍ଧ

ଶିଶୁଟିଏ ଚାଲିବା ପାଇଁ କିଛି ଲୋକ ବେବି ୱାକର୍ ବ୍ୟବହାର କରନ୍ତି । ହାଡ଼ ଓ ମାଂସପେଶୀ ବିକାଶରେ ଏହା ହାନିକାରକ ବୋଲି ଅନେକ କହନ୍ତି । କିଛି ମାତାପିତା ଏବେ ବି ବେବି ୱାକର୍ ସାହାଯ୍ୟରେ ସେମାନଙ୍କ ପିଲାକୁ ଚଲାଇବାକୁ ଚେଷ୍ଟା କରୁଛନ୍ତି । ୧୯୯୪ମସିହାରେ ବେବି ୱାକର୍ ଆମେରିକାରେ ଖୁବ୍ ଲୋକପ୍ରିୟ ହୋଇଥିଲା । କଂଜୁମର ପ୍ରଡକ୍ଟସ ସେଫ୍‌ଟି କମିସନ୍ ଘୋଷଣା କଲା, ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଅନ୍ୟ ଉପକରଣ ଅପେକ୍ଷା ବେବି ୱାକରରୁ ଶାରୀରିକ ଆଘାତ ବେଶି ଲାଗିଥାଏ । ଏଥିରୁ ମୁଣ୍ଡରେ ଆଘାତ, ହାଡ଼ ଭାଙ୍ଗିବ, ଦାନ୍ତ ଭାଙ୍ଗିବା, ଜଳିଯିବା, ଆଙ୍ଗୁଳି ଭାଙ୍ଗିବା ଏପରିକି ମୃତ୍ୟୁ ମଧ୍ୟ ହୋଇଥାଏ । ପ୍ରାକୃତିକ ଭାବେ ପିଲାର ଦକ୍ଷତା ବୃଦ୍ଧିକୁ ଏହା ରୋକିଥାଏ । ଆଜିର ୱାକର୍ ପୂର୍ବାପେକ୍ଷା ନିରାପଦ ତଥାପି ବିପଦପୂର୍ଣ୍ଣ । ଏହା ଶିଶୁର କୌଣସି ଲାଭ କରେ ନାହିଁ ବୋଲି ବିଶେଷଜ୍ଞଙ୍କ ମତ । ସେଥିପାଇଁ ୨୦୦୪ ମସିହାରେ ବେବି ୱାକର୍‌କୁ କାନାଡ଼ାରେ ନିଷିଦ୍ଧ ଘୋଷଣା କରାଗଲା । ଏହାକୁ ବ୍ୟବହାର କଲେ ୧ ଲକ୍ଷ ପର୍ଯ୍ୟନ୍ତ ଜରିମାନ କିମ୍ବା ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିପାରେ । କିନ୍ତୁ କିଛି ଦେଶରେ ୭୫ ପ୍ରତିଶତରୁ ଅଧିକ ଶିଶୁ ଏବେ ବି ୱାକର୍ ବ୍ୟବହାର କରୁଛନ୍ତି ଏବଂ ଆହତ ହେଉଛନ୍ତି ।

ଲୁଣରେ ତିଆରି ରେଷ୍ଟୁରାଣ୍ଟ

ଏ ପୃଥିବୀରେ ପ୍ରତିଦିନ ନୂଆନୂଆ ଘଟଣା ସବୁ ଘଟୁଛି । ଯାହା କାନକୁ ଅଦ୍ଭୁଆ ଶୁଭୁଥିଲେ ବି ବିଶ୍ୱାସ କରିବା ପଡ଼ିବ । ସମୁଦ୍ର ମଧ୍ୟରେ ହୋଟେଲ, ବରଫ ଭିତରେ ହୋଟେଲ ବିଷୟରେ ଜାଣିଛନ୍ତି । ଏବେ ଆସନ୍ତୁ ଜାଣିବା ଲୁଣରେ ତିଆରି ହୋଇଥିବା ଏକ ହୋଟେଲ ବିଷୟରେ । ଦକ୍ଷିଣ ଇରାନର ସିରାଜରେ ନିର୍ମାଣ ହୋଇଛି ଦୁଇ ମହଲା ବିଶିଷ୍ଟ ଲୁଣରେ ତିଆରି ଏହି ହୋଟେଲ, ଯାହା ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଏହି ରେଷ୍ଟୁରାଣ୍ଟରେ ଲୋକମାନେ ବସିବା ପାଇଁ ଫର୍ଣ୍ଣିଚରଠୁ ଆରମ୍ଭ କରି ବିଲ୍ଡିଂ ଏପରିକି କିଚେନ ନିର୍ମାଣରେ ମଧ୍ୟ ଲୁଣର ବ୍ୟବହାର ହୋଇଛି । ଇରାନର ଏହି ରେଷ୍ଟୁରାଣ୍ଟରେ ଲୁଣର ବ୍ୟବହାର ଫର୍ଣ୍ଣିଚରରେ କୋଟିଂ ଆକାରରେ କରାଯାଇଛି । ହେଲେ ଏହା ଲୋକଙ୍କ ଖାଦ୍ୟ ଉପରେ ସେମିତି କିଛି ପ୍ରଭାବ ପକାଉନି । ରେଷ୍ଟୁରାଣ୍ଟରେ ଡିଜାଇନ କରିଥିବା ଆର୍କିଟେକଙ୍କ କହିବା କଥା ହେଲା ଫର୍ଣ୍ଣିଚରଗୁଡ଼ିକରେ ଲୁଣ ବ୍ୟବହାର କରାଯାଇଛି ସତ କିନ୍ତୁ ସଂପୂର୍ଣ୍ଣ ଭାବେ ନୁହଁ । କାରଣ ଲୋକଙ୍କ ବସିବାରେ ଅସୁବିଧା ହୋଇଥାନ୍ତା । ଲୁଣର ଗୁମ୍ଫାକୁ ଅନୁକରଣ କରି ଏପରି କରାଯାଇଛି ।

ଚୁଡ଼ିରେ ଚମକିବେ

ବିଭିନ୍ନ ରଙ୍ଗ ଏବଂ ଡିଜାଇନ୍‌ରେ ଚୁଡ଼ି ଉପଲବ୍ଧ ହେଉଛି । ତେବେ ଚୁଡ଼ିର ଲୋକପ୍ରିୟତା ବଢ଼ାଇଛି ଏହାର ଭେରାଇଟି । ସବୁ ଆଉଟଫିଟ୍‌ରେ ଚୁଡ଼ି ମାନିଥାଏ । କିନ୍ତୁ ଗୋଟିଏ ପର୍ଟିକୁଲାର ଲୁକ୍ ହାସଲ କରିବା ଖୁବ୍ ଚ୍ୟାଲେଞ୍ଜିଙ୍ଗ । ତେବେ କିଛି ଟିପ୍ସ ଅଛି ଯାହାକୁ ଅବଲମ୍ବନ କରି ଆପଣ ଆପଣଙ୍କ ଚୁଡ଼ିରେ ଅଧିକ ଷ୍ଟାଇଲିଶ ଲାଗିପାରିବେ । ଗୋଟିଏ ହାତରେ ଚୁଡ଼ି ପିନ୍ଧିପାରିବେ ଏବଂ ଅନ୍ୟ ହାତଟିକୁ ସମ୍ପୂର୍ଣ୍ଣ ଖାଲି ରଖିପାରିବେ । ତେବେ ଯେଉଁମାନେ ଟାଟୁ କରୁଥିବେ ସେମାନେ ଗୋଟିଏ ହାତରେ ଚୁଡ଼ି ପିନ୍ଧିଲେ ବେଶୀ ଭଲ ଲାଗିବେ । ଆର ହାତରେ ଆପଣ ଗୋଟେ ବଡ଼ କଡ଼ା ବା ବ୍ରେସଲେଟ୍ ବି ପିନ୍ଧିପାରିବେ । ଷ୍ଟେଟମେଣ୍ଟ ଚୁଡ଼ି ପିନ୍ଧନ୍ତୁ । ଗୋଟିଏ ହାତରେ ଷ୍ଟେଟମେଣ୍ଟ ଚୁଡ଼ି ପିନ୍ଧି ଅନ୍ୟ ହାତରେ ଘଣ୍ଟା ପିନ୍ଧିବା ଷ୍ଟାଇଲିଶ୍ ଲୁକ୍ ଦିଏ । ବେଳେବେଳେ ଅଧିକ ଚୁଡ଼ି ପିନ୍ଧିଲେ ବି ଭଲଲାଗେ । ଡ୍ରାମାଟିକ୍ ଲୁକ୍ ପାଇଁ ଅଧିକ ପରିମାଣରେ ଚୁଡ଼ି ବେଶୀ ଭଲ ଲାଗିବ । କିନ୍ତୁ ହଁ ଅତ୍ୟଧିକ ଚୁଡ଼ି ପିନ୍ଧିଲେ ଆପଣଙ୍କୁ ଅନକମ୍ଫର୍ଟେବଲ ଲାଗିପାରେ ତେଣୁ ଏଥିପ୍ରତି ଟିକେ ଧ୍ୟାନ ଦିଅନ୍ତୁ । ଚୁଡ଼ିର ଆକାର ପ୍ରତି ଧ୍ୟାନ ଦିଅନ୍ତୁ । ଛୋଟ ଆକାରର ଚୁଡ଼ିକୁ ଆପଣ ସେହି ଛୋଟ ଚୁଡ଼ି ସହ ହିଁ ପିନ୍ଧିପାରିବେ ଯଦି ଆପଣ ବଡ଼ ଆକାରର ଚୁଡ଼ି ସହ ପିନ୍ଧିବେ ତେବେ ଏହା ଠିକ୍‌ରେ ମେଳ ଖାଇବନି । ତେବେ ହିଁ ସବୁବେଳେ ଅବସର ଏବଂ ଆଉଟ୍‌ଫିଟ୍‌କୁ ଦୃଷ୍ଟିଦେଇ ଚୁଡ଼ି ବାଛନ୍ତୁ ।

ଇୟରଫୋନ ସମ୍ପର୍କିତ ତଥ୍ୟ

ଫୋନକୁ ଅଧିକ ସମୟ କାନରେ ଲଗାଇ ଧରିବା ଅପେକ୍ଷା ଗୋଟିଏ ସ୍ଥାନରେ ବସି ଆରାମରେ କାନରେ ଇୟରଫୋନ ଭର୍ତ୍ତି କରି କଥା ହେବା ଅଧିକ ସହଜ ବୋଲି ସଂଖ୍ୟାଧିକ ଲୋକଙ୍କ ମତ । ତେବେ ଇୟରଫୋନ ବ୍ୟବହାର କରୁଥିବା ଲେକେ ଏହାର ସତର୍କତା ସମ୍ପର୍କରେ ଜାଣି ରଖିବା ଉଚିତ ।

- କୌଣସି ତରଳ ପଦାର୍ଥ ଇୟରପୋଡ଼ରେ ନ ଲାଗିବା ପ୍ରତି ଦୃଷ୍ଟି ଦେବା ଆବଶ୍ୟକ । କାରଣ ଏପରି ଅବସ୍ଥାରେ ଏହାକୁ କାନରେ ଭର୍ତ୍ତି କଲେ କାନ ଖରାପ ହୋଇପାରେ ।
- ସପ୍ତାହକୁ ଅନ୍ତତଃ ଥରୁଟିଏ ଇୟରଫୋନ ପରିଷ୍କାର କରିବା ଉଚିତ ।
- ତୁଳା ସାହାଯ୍ୟରେ ଏହାକୁ ସଫା କରିବା ଭଲ । ଏପରିକି ପୁରୁଣା ଦାନ୍ତଘଷା ବ୍ରଶରେ ମଧ୍ୟ ଇୟରଫୋନ ସଫା କରିହେବ ।
- ଏହାକୁ ସବୁବେଳେ ସଫା ସ୍ଥାନରେ ରଖିବା ସହ ଏକ ଛୋଟ ବାକ୍ସ କିମ୍ବା ପ୍ୟାକଟେରେ ରଖିବା ଉଚିତ ।
- ଅନ୍ୟ କାହାର ଇୟରଫୋନ ବ୍ୟବହାର ନ କରିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି । କାରଣ ଏହା ଦ୍ୱାରା ବିଭିନ୍ନ ପ୍ରକାର ସଂକ୍ରମଣ ବ୍ୟାପିବାର ଭୟ ରହିଛି ।

ନିଜକୁ ଫିଟ୍ ରଖନ୍ତୁ



ସବୁବେଳେ ନିଜେ ନିଜକୁ ଫିଟ୍ ମନେ କରିବା ସବୁଠାରୁ ଗରୁତ୍ୱପୂର୍ଣ୍ଣ । କେବେ ବି ନିଜକୁ ଅନ୍ୟ କାହା ସହ ତୁଳନା କରନ୍ତୁନି, ବରଂ ନିଜ ସାମର୍ଥ୍ୟ ଅନୁଯାୟୀ ନିଜେ ଫିଟ୍ ରହିବାକୁ ଚେଷ୍ଟା କରନ୍ତୁ ।

ନୂଆ ହେୟାରଷ୍ଟାଇଲ କରନ୍ତୁ ଏବଂ ନୂଆ ଉପାୟରେ ମେକଅପ୍ ନିଅନ୍ତୁ ଏହାଦ୍ୱାରା ଆପଣଙ୍କ ଲୁକ୍ ଟିକେ ଭିନ୍ନ ଲାଗିବ ଏବଂ ଆପଣ ମଧ୍ୟ ଖୁବ୍ ଆଟ୍ରାକ୍ଟିଭ୍ ଲାଗିବେ । କିନ୍ତୁ ଏଥିପାଇଁ ଆପଣଙ୍କୁ ୧୫ମିନିଟ୍ ଅଧିକ ସମୟ ଦେବାକୁ ପଡ଼ିବ ।

ନିଜକୁ ଯେଉଁଭଳି ପୋଷାକ ଭଲଲାଗୁଛି ତାହା ପିନ୍ଧନ୍ତୁ । କାରଣ, ଯେଉଁଥିରେ ଆପଣ କମ୍ଫର୍ଟ ଅନୁଭବ କରିବେ, ସେଇଥିପାଇଁ ହିଁ ସୁନ୍ଦର ଲାଗିବେ । ଯଦି ଲାଗୁଛି ଯେ, ଆପଣଙ୍କ ପାଖରେ ଆଉ ଭଲ ପୋଷାକ ନାହିଁ ତେବେ ସଙ୍ଗେ ସଙ୍ଗେ ସପିଙ୍ଗ ପାଇଁ ବାହାରି ଯାଆନ୍ତୁ ଯଦି ପାଖରେ ପଇସା ଅଛି ।

ଏକ୍ସରସାଇଜ୍ କରନ୍ତୁ । ଅଧ୍ୟୟନରୁ ଜଣାଯାଇଛି, କମ୍ ସମୟର ୱାର୍କଆଉଟ ବି ମୁଡ୍‌କୁ ଏକଦମ୍ ଠିକ୍ କରିଦେବ । ପ୍ରତିଦିନ ଆପଣ ରିଲାକ୍ସ ଏବଂ ରିଫ୍ରେଶ ଅନୁଭବ କରିବେ ।

ଘନ କେଶର ରହସ୍ୟ

ଏବେର ସମୟରେ ଯୁବପିଢ଼ିଙ୍କ କେଶ ଛଡ଼ା ଏକ ସାଧାରଣ ସମସ୍ୟା ଭାବେ ଦେଖାଦେଇଛି । ଏହା ପଛରେ ମୁଖ୍ୟ କାଣ ହେଲା ବିଭିନ୍ନ ରସାୟନିକ ତତ୍ତ୍ୱ ଥିବା ଶାମ୍ପୁ ବ୍ୟବହାର କରିବା, ନିୟମିତ ଭାବେ କେଶ ଷ୍ଟ୍ରେଟ୍ ଓ କଲର କରାଇବା । ଘନ କେଶ ପାଇବା ନିମନ୍ତେ ସରଳ ଉପଚାର କରିବାର ଆବଶ୍ୟକତା ରହିଛି ।



୨ଚାମଚ ଆପଲ ସିଡାର ଭିନେଗାରରେ ୨ଚାମଚ ଅଲିଭ ତେଲ ଓ ୩ଅଣ୍ଡା ମିଶାଇ ଫେଣ୍ଟିନେବେ । ଏବେ ସେହି ମିଶ୍ରଣକୁ କେଶମୂଳରେ ଲଗାଇ ଅଢ଼େଇ ଘଣ୍ଟା ପରେ କେଶ ଧୋଇବେ । ସପ୍ତାହକୁ ୨ଥର ଏପରି କଲେ ନିଜେ ଫରକ୍ ଜାଣିପାରିବେ ।

ଶୁଦ୍ଧ ନଡ଼ିଆ ତେଲ, ଅଲିଭ ଓ ବାଦାମ ତେଲ କେଶ ନିମନ୍ତେ ଖବ୍ ଉତ୍ତମ । ସପ୍ତାହରେ ୨ରୁ ୩ଥର ଏହି ତେଲର ମିଶ୍ରଣକୁ କେଶମୂଳରେ ଲଗାଇଲେ କେଶ ଝଡ଼ା ବନ୍ଦ ହୋଇଥାଏ ।

ଓଦା କେଶ ନ ଶୁଖିବା ପର୍ଯ୍ୟନ୍ତ କେଶର ତଉଲିଆ ଘୋଡ଼ାଇ ରଖନ୍ତୁ । ଏହା ମଧ୍ୟ କେଶ ଝଡ଼ାରୁ ରକ୍ଷା କରେ ।

କେଶର ଘନତ୍ୱ ବଢ଼ାଇବା ପାଇଁ ଅଣ୍ଡା ସପ୍ତାହକୁ ୨ ଥର ଲଗାଇବା ଉପକାରୀ ।

ଅଲିଭ ତେଲ ଓ ଚନ୍ଦନ ତେଲର ମିଶ୍ରଣ ମଧ୍ୟ କେଶ ପାଇଁ ମହୌଷଧି ପରି କାମ କରିଥାଏ ।

ପୋଦିନା ଚାର୍ ଉପଯୋଗିତା

ସ୍ୱାସ୍ଥ୍ୟ ବର୍ଦ୍ଧକ ପୋଦିନା ପତ୍ର ବିଭିନ୍ନ ଭାରତୀୟ ବ୍ୟଞ୍ଜନରେ ବ୍ୟବହୃତି ହୋଇଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ତଥ୍ୟ ଅନୁସାରେ ପ୍ରତ୍ୟହ ସକାଳେ ପୋଦିନା ଚା ପିଇବା ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ । ଅମ୍ଳରୋଗୀଙ୍କ ପାଇ ଏହା ଏକ ମହୌଷଧି ହୋଇଥିଲାବେଳେ ଓଜନ ନିୟନ୍ତ୍ରଣରେ ମଧ୍ୟ ଏହା ସହାୟକ । ପେଟର ଚର୍ବି କମ କରିବାକୁ ଚାହୁଁଥିବା ଲୋକେ ପୋଦିନା ଚା ପିଇବା ଉଚିତ । ପୋନୀରେ ଥିବା ମେନ୍ଥଲ, ମେଥୋନ, ମିଥାଇଲ ଆସିଟେଟ ଆଦି ତତ୍ତ୍ୱ ଓଜନ ହ୍ରାସ କରିବାରେ ସାହାଯ୍ୟ କରେ । ପୋଦିନା ଚା ପେଟ ସଫା ରଖିବା ସହ ମସ୍ତିଷ୍କକୁ ଶାନ୍ତ ରଖିଥାଏ ବୋଲି ବିଷେଜ୍ଞ ପ୍ରକାଶ କରିଛନ୍ତି ।

୧୦ କୋଟି ବର୍ଷ ତଳର ବେଙ୍ଗ

ବୈଜ୍ଞାନିକମାନେ ଅନୁସନ୍ଧାନ କରିଛନ୍ତି ୧୦ କୋଟି ବର୍ଷ ପୁରୁଣା ଏକ ବେଙ୍ଗର ଜୀବାଶ୍ମ । ଏହି ଜୀବାଶ୍ମ ବେଙ୍ଗମାନଙ୍କ ସବୁଠାରୁ ପ୍ରଥମ ପ୍ରଜାତି ବୋଲି ବୈଜ୍ଞନିକମାନେ ସୂଚନା ଦେଇଛନ୍ତି । ଏହି ଜିବାଶ୍ମ ଦ୍ୱାରା ପୃଥିବୀରେ ଛଭୟଚରଙ୍କ ସୃଷ୍ଟି ବିଷୟରେ ଅଧକ ତଥ୍ୟ ମିଳିପାରିବ ବୋଲି ଅନୁମାନ କରାଯାଉଛି । ଗଛରୁ ବାହାରୁ ଥିବା ଅଠାରେ ଲାଗିରହିଛି ଏହି ବେଙ୍ଗର ଜୀବାଶ୍ମ, ଯାହା ୧୦ କୋଟି ବର୍ଷ ପୁରୁଣା । ସେତେବେଳର ପାଣିପାଗ ତଥା ପରିବେଶ ବିଷୟରେ ଜାଣିବା ପାଇଁ ମଧ୍ୟ ଏହି ଜୀବାଶ୍ମ ବେଶ୍ ସହାୟକ ହେବ ବୋଲି ଅନୁମାନ କରାଯାଉଛି । ଏହା ପୂର୍ବରୁ ୨.୫ କୋଟି ବର୍ଷ ପୁରୁଣା ବେଙ୍ଗ ବୈଜ୍ୟାନିକମାନେ ଅନୁସନ୍ଧାନ କରିଥିଲେ । କିନ୍ତୁ ସେଥିରୁ ଅଧିକାଂଶ ତଥ୍ୟ ମିଳି କାରି ନଥିଲା । ୧୦ କୋଟି ବର୍ଷ ପୁରୁଣା ବେଙ୍ଗର ଶାରୀରିକ ଗଠନ ଏବେକାର ବେଙ୍ଗ ସହ ବହୁ ସାମଞ୍ଜସ୍ୟ ରହିଥିବା ଦେଖିବାକୁ ମିଳିଛି ।

ଫୁଲ ନା ଶୁଆ !

ଥାଇଲାଣ୍ଡରେ ମିଳୁଥିବା ପ୍ୟାରଟ୍ ଫ୍ଲେଭର୍‌ର ବୈଜ୍ଞାନିକ ନାମ ହେଉଛି 'ଇମ୍ପେସନ୍ସ ସ୍ପେକିନା' । ଏହାକୁ ଥାଇ ଭାଷାରେ 'ଡାର୍କ ନୋକ ଖେବୁ' କୁହାଯାଏ । ଏହି ଫୁଲକୁ ଦେଖିଲେ ଲାଗେ ଯେମିତି କେହି ଗୋଟେ ଛୋଟ ଶୁଆକୁ ସରୁସୂତାରେ ଗଛ ଡାଳରେ ଟାଙ୍ଗି ଦେଇ ଯାଇଛି । କିନ୍ତୁ ଏହି ଫୁଲ ଦେଖିବାକୁ ସୁନ୍ଦର ସିନା ତୀବ୍ର ଦୁର୍ଗନ୍ଧଯୁକ୍ତ । ତେଣୁ କୀଟପତଙ୍ଗ ଏହା ପ୍ରତି ଆକୃଷ୍ଟ ହେବା ପ୍ରାୟ ଦେଖାଯାଏ ନାହିଁ । ଫଳରେ ଫୁଲର ପରାଗ ସଂଗମରେ ବାଧା ଦେଖା ଦେଇଥାଏ । ଏହାକୁ ମଞ୍ଜି ପ୍ରସ୍ତୁତ ହେବା କଷ୍ଟକର ହୋଇପଡେ । ତେଣୁ ଏହି ଗଛ ଏକ ଦୁର୍ଲଭ ପ୍ରଜାତି ହିସାବରେ ଗଣାଯାଏ । କେବଳ ସନ୍ତସନ୍ତିଆ ସ୍ଥାନରେ ଏହି ଗଛ ବଢ଼ିପାରେ । ଏହାର ଉଚ୍ଚତା ମାତ୍ର ଏକ ମିଟର ଭିତରେ ସୀମିତ ରହେ । ଏହାର ମୁଖ୍ୟ ଶାଖା ପ୍ରାୟ ଅଧ ଇଞ୍ଚ ମୋଟା ତଥା ପତ୍ରର ଆକାର ଦୁଇ ରୁ ଅଢ଼େଇ ଇଞ୍ଚ ମଧ୍ୟରେ ହୋଇଥାଏ । ଏହାର ଫୁଲ ଅର୍ଥାତ୍ ପ୍ୟାରଟ ଫ୍ଲାୱାର (ଶୁଆ ଫୁଲ)ର ଆକାର ମାତ୍ର ଦୁଇ ଇଂଚ ।

ଶ୍ରାବଣରେ ବର୍ଷାର ଦେଖାନାହିଁ

ଲକ୍ଷାଧିକ ଟଙ୍କାର ଧାନ ଚାଷ ନଷ୍ଟ, ଚାଷୀମୁଣ୍ଡରେ ଚଡ଼କ

ପୁରୀ, ୨୩/୭ (ନି.ପ୍ର.): ଚଳିତ ବର୍ଷ ଶ୍ରାବଣ ମାସ ଅଧା ହୋଇଥିଲେ ସୁଦ୍ଧା ଅଦ୍ୟାବଧି ଆଶାନୁରୂପକ ବର୍ଷା ହୋଇନଥିବାରୁ ଚାଷୀ ମୁଣ୍ଡରେ ଚଡ଼କ ପଡିଛି । ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ଅଂଚଳର ରମେଶ ଚନ୍ଦ୍ର ଦଳବେହେରା ୧୦ ମାଣରୁ ଅଧିକ ବିଲରେ ଧାନ ଚାଷ କରି ଏବେ ହତାସ ହୋଇ ବସିଛନ୍ତି । ଲକ୍ଷାଧିକ ଟଙ୍କାର ଧାନ ଚାଷ ନଷ୍ଟ ହୋଇଛି । ବ୍ଲକର କୃଷି ବିଭାଗରୁ ସରକାରୀ ଧାନ ବିହନ ନେଇ ବିଲରେ ବୁଣିଥିଲେ । ଧାନ ଗଛ ହେବା ପରେ ଏବେ ତଳି ଉପାଡିବା ସମୟରେ ବିଲରେ ପାଣି ନାହିଁ । ପ୍ରବଳ ଖରା ଯୋଗୁଁ ଚାଷବିଲ ଫାଟି ଆଁ କରିଛି । ଅନେକ ଧାନଗଛ ଶୁଖି ମରିଯାଇଛି । ସେହି ଅଂଚଳରେ ମଧୁର ପାଣିର କେନାଲ ନଥିବାରୁ ବର୍ଷା ଜଳ ଉପରେ ଚାଷୀ ନିର୍ଭର କରି ଚାଷ କରିଥିଲେ । କିନ୍ତୁ ଅଦ୍ୟାବଧି ଆଶାନୁରୂପକ ବର୍ଷା ହୋଇନଥିବାରୁ ଏକର ଏକର ଚାଷ ଜମି ଜଳାଭାବରୁ ନଷ୍ଟ ହୋଇଛି । ଚାଷୀମାନେ ବ୍ଲକରୁ ମସୁରୀ ଧାନ ବିହନ ନେଇ ତଳି ପକାଇଥିଲେ । ବର୍ଷା ନହେବାରୁ ତଳି ଠିକ୍ ଉଠିପାରିଲା ନାହିଁ । ବର୍ଷା ହେବ ବୋଲି ଚାଷୀ ଆଷାଢ ମାସରୁ ଚାତକ ପରି ଚାହିଁ ରହିଛି । ଋଣ କରି ଚାଷୀ ଧାନ ବିହନ ଓ ସାର ପକାଇଥିବା ବେଳେ ଏବେ ଧାନ ଫସଲ ନଷ୍ଟ ହେବାରୁ ଚାଷୀ ମୁଣ୍ଡରେ ହାତଦେଇ ବସିଛି । କରୋନା କଟକଣା ଯୋଗୁଁ ଚାଷୀ କେଉଁଆଡେ କାମ କରିବାକୁ ମଧ୍ୟ ଯାଇପାରୁନାହିଁ । ସରକାର ଏଥିପ୍ରତି ଦୃଷ୍ଟି ଦେଇ ଚାଷୀଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇଦେବା ନିମନ୍ତେ ଦାବି ହେଉଛି ।

ଉପଜିଲାପାଳଙ୍କ ନିକଟରେ ବିଲ୍ଟ କର୍ମଚାରୀଙ୍କୁ ସହାୟତା ଦାବୀ

ଜୟପୁର, ୨୩/୭ (ନି.ପ୍ର.): ଜୟପୁର ସ୍ଥିତ ବିଲ୍ଟ ପେପର୍ ମିଲ୍ ର କର୍ମଚାରି ସଂଘ ମାନେ ଆଜି ଉପ ଜିଲାପାଳଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, କରୋନା ସମୟରେ କର୍ମଚାରୀ ମାନେ ଅତ୍ୟନ୍ତ ଦୁର୍ଦ୍ଦିନରେ ଗତି କରୁଛନ୍ତି । ସରକାର କରୋନା ମୁକାବିଲା ପାଇଁ ପ୍ରତ୍ୟେକ ଦିନ ନୂଆ ନୂଆ ପଦକ୍ଷେପ ମାନ ନେଉଛନ୍ତି । ସଂଘ ତରଫରୁ ମଧ୍ୟ ସରକାରଙ୍କ ବିଭିନ୍ନ ନିୟମାବଳିକୁ ପାଳନ କରୁଛୁ । କିନ୍ତୁ ଏପ୍ରିଲ ୨୦୧୯ରୁ କର୍ମଚାରୀ ମାନେ ଦରମା ପାଇ ନାହାଁନ୍ତି । କର୍ମଚାରୀ ମାନଙ୍କ ଆୟର କୌଣସି ଅନ୍ୟ ଉତ୍ସ ନଥିବା ଯୋଗୁଁ ପରିବାର ପ୍ରତିପୋଷଣ ଅତ୍ୟନ୍ତ କଷ୍ଟକର ହୋଇପଡିଛି । ପେପର ମିଲରେ କାର୍ଯ୍ୟ କରୁଥିବାରୁ ସରକାରଙ୍କ ରାସନ କାର୍ଡରୁ ମଧ୍ୟ ଆମେ ବଂଚିତ ହୋଇଛୁ । ବିଗତ ଦିନରେ କରୋନା ସମୟରେ ସହାୟତା ପାଇଁ ସେମାନେ ଜିଲାପାଳଙ୍କୁ ଅନୁରୋଧ କରିଥିଲେ । ଜିଲାପାଳ ମଧୁ ସୁଦନ ମିଶ୍ରଙ୍କ ନିର୍ଦ୍ଦେଶରେ ପେପର ମିଲ୍ କର୍ମଚାରିଙ୍କୁ ଏକ ମାସର ଚାଉଳ ଓ ଡାଲି ପ୍ରଦାନ କରାଯାଇଥିଲା ।

ପଞ୍ଜୀକୃତ ହେବେ ୧ ଲକ୍ଷ ୪୦ ହଜାର ନିର୍ମାଣ ଶ୍ରମିକ

ଭୁବନେଶ୍ୱର, ୨୩/୭ (ନି.ପ୍ର.): ସଂପ୍ରତି କରୋନା ମହାମାରୀ ପରିସ୍ଥିତିରେ ବାହାର ରାଜ୍ୟରୁ ଫେରି ଆସୁଥିବା ୧ ଲକ୍ଷ ୪୦ ହଜାର ନିର୍ମାଣ ଶ୍ରମିକମାନଙ୍କ ନାମ ପଞ୍ଜୀକୃତ କରାଯିବ । ଭାରତ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ବୋର୍ଡରେ ସେମାନଙ୍କ ନାମ ତାଲିକା ଅନ୍ତର୍ଭୁକ୍ତ କରାଯିବ ଏବଂ ଏଥି ସହିତ ଏହି ପଞ୍ଜୀକରଣ ପ୍ରକ୍ରିୟାକୁ ସରଳୀକରଣ କରାଯିବ ବୋଲି ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଜିଲ୍ଲାପାଳମାନଙ୍କୁ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି । ପରବର୍ତୀ ସମୟରେ ଯେଉଁ ନିର୍ମାଣ ଶ୍ରମିକମାନେ ବାହାର ରାଜ୍ୟମାନଙ୍କରୁ ଫେରିବେ, ସେମାନଙ୍କ ନାମ ମଧ୍ୟ ନିର୍ମାଣ ଶ୍ରମିକ ବୋର୍ଡର ତାଲିକାରେ ଅନ୍ତର୍ଭୁକ୍ତ କରାଯିବ । ଏହା ଦ୍ୱାରା ନିର୍ମାଣ ଶ୍ରମିକମାନଙ୍କୁ ସାମାଜିକ ନିରାପତା ଯୋଜନାର ଅନ୍ତର୍ଭୁକ୍ତ କରାଯିବ । ଏହି ସମସ୍ତ ପଞ୍ଜୀକରଣ ଅନ୍‌ଲାଇନ୍ ମାଧ୍ୟମରେ କରାଯିବ । ଏହି ତାଲିକାରେ ନିର୍ମାଣ ଶ୍ରମିକମାନଙ୍କ ବ୍ୟାଙ୍କ ଆକାଉଂଟ, ଆଧାର କାର୍ଡ ନମ୍ବର ପ୍ରଭୃତି ରଖାଯିବ । ଏହି ପଞ୍ଜୀକରଣ ପ୍ରକ୍ରିୟାକୁ ଜୁଲାଇ ମାସ ଶେଷ ସୁଦ୍ଧା ସାରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି । ଏଥି ସହିତ ଏହି ପ୍ରକ୍ରିୟା ସଂଚାଳନ ନିମନ୍ତେ ଜିଲ୍ଲା ଶ୍ରମ ଅଧିକାରୀଙ୍କ ସମେତ ପୌରସଂସ୍ଥା, ବ୍ଲକ୍, ପଂଚାୟତର ସହାୟତା ନିଆଯାଇ ପାରିବ ବୋଲି ପରାମର୍ଶ ଦିଆଯାଇଛି । ଏହି କ୍ରମରେ ସୂଚନା ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରି ନିର୍ମାଣ ଶ୍ରମିକମାନେ ସିଧାସଳଖ ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜୀକରଣ, ନବୀକରଣ ଓ ଆର୍ଥିକ ସହାୟତା ଆବେଦନ କରିବା ସୁବିଧା ଅତି ଶୀଘ୍ର ଉପଲବ୍ଧ କରାଇବା ପାଇଁ ପଦକ୍ଷେପ ନିଆଯାଇଛି ।

ପିଆଇବି ପକ୍ଷରୁ "କୋଭିଡ-୧୯ ପରିଚାଳନାରେ ଅଗ୍ରଣୀ ଯୋଦ୍ଧାମାନଙ୍କ ଭୂମିକା" ଶୀର୍ଷକ ୱେବିନାର

ଭୁବନେଶ୍ୱର, ୨୩/୭ (ନି.ପ୍ର.): ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ(ପିଆଇବି), ଭୁବନେଶ୍ୱର ପକ୍ଷରୁ "କୋଭିଡ-୧୯ ପରିଚାଳନାରେ ଅଗ୍ରଣୀ ଯୋଦ୍ଧାମାନଙ୍କ ଭୂମିକା" ଶୀର୍ଷକ ୱେବିନାର ଅନୁଷ୍ଠିତ ହୋଇଯାଇଛି । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଓଡ଼ିଶା ପ୍ରାନ୍ତର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଶୈଳେଶ କୁମାର ମାଲବ୍ୟଙ୍କ ଅଧ୍ୟକ୍ଷତାରେ ଏହି ୱେବିନାର ଅନୁଷ୍ଠିତ ହୋଇଥିଲା । ଶ୍ରୀ ମାଲବ୍ୟ କହିଥିଲେ ଯେ କରୋନା ମହାମାରୀର ମୁକାବିଲା କରିବାରେ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ, ପୋଲିସ କର୍ମଚାରୀ, ଆଶା, ଅଙ୍ଗନୱାଡ଼ି କର୍ମୀ, ଗଣମାଧ୍ୟମ ପ୍ରତିନିଧିମାନେ ଅଗ୍ରଣୀ ଯୋଦ୍ଧା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି । ସେମାନେ ନିଜର ଜୀବନକୁ ବାଜି ଲଗାଇ କର୍ତବ୍ୟ ସମ୍ପାଦନ କରୁଛନ୍ତି । ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କଟକ-ଭୁବନେଶ୍ୱର ଦ୍ୱୈତନଗରୀ ପୋଲିସ କମିଶନର ଡ. ସୁଧାଂଶୁ ଷଡ଼ଙ୍ଗୀ କହିଥିଲେ ଯେ ଆମେ ଏକ ଅପ୍ରତ୍ୟାଶିତ ସଙ୍କଟର ସମ୍ମୁଖୀନ ହେଉଛୁ । ଯେପର୍ଯ୍ୟନ୍ତ କରୋନା ମହାମାରୀର ଟିକା କିମ୍ବା ଔଷଧ ନବାହାରିଛି ସେପର୍ଯ୍ୟନ୍ତ ଆମ ସମସ୍ତଙ୍କୁ ସଂଯମ ହେବାକୁ ପଡ଼ିବ । ଇତିହାସରେ ପ୍ରଥମ ଥର ପାଇଁ ପୋଲିସକୁ ଜନସାଧାରଣଙ୍କ ସମର୍ଥନ ମିଳିଛି । ଅଳ୍ପ କିଛି ଲୋକଙ୍କୁ ଛାଡ଼ି ଦେଲେ ଅଧିକାଂଶ ଲୋକ ପୋଲିସକୁ ସହଯୋଗ କରୁଛନ୍ତି । ଲକଡାଉନ ଓ ସଟଡାଉନ ନିୟମକୁ ମାନିଛନ୍ତି । ଜନସାଧାରଣ ସଚେତନ ରହିବା ସହିତ ମାସ୍କ ପିନ୍ଧି, ସାମାଜିକ ଦୂରତା ରକ୍ଷା କରି ଏବଂ ଘରେ ରହି ନିୟମକୁ ପାଳିଛନ୍ତି । ଯେଉଁମାନେ ନିୟମ ମାନୁନାହାନ୍ତି ଆମେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛୁ । ଆମେ ଆଇନ ଶୃଙ୍ଖଳା, ସାମାଜିକ ଦୂରତାକୁ ବଜାୟ ରଖିବା ଦିଗରେ କାର୍ଯ୍ୟ କରିଛୁ । ସବୁକିଛି ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରାଯାଉଛି ଯାହା ଫଳରେ ଡାକ୍ତର, ସ୍ୱାସ୍ଥ୍ୟ କର୍ମୀମାନେ ସେମାନଙ୍କର କାମ ସୂଚାରୁ ରୂପେ କରିପାରିବେ । ଡ. ଷଡ଼ଙ୍ଗୀ ଆହୁରି କହିଥିଲେ ଯେ ଆମେ ଜନସାଧାରଣଙ୍କ ସମସ୍ୟା ପ୍ରତି ମଧ୍ୟ ଧ୍ୟାନ ଦେଇଛୁ । ଲୋକଙ୍କ ନିକଟରେ ଜରୁରି ସାମଗ୍ରୀ ପହଁଚିବା କ୍ଷେତ୍ରରେ କୌଣସି ପ୍ରତିବନ୍ଧକ ନାହିଁ । ଲକଡାଉନ ସମୟରେ ୨ ଲକ୍ଷ ପ୍ରବାସୀ ଶ୍ରମିକଙ୍କୁ ଆମେ ଖାଦ୍ୟ ଦେଇଛୁ । ଯେଉଁମାନେ କିଛି ଅସୁବିଧାରେ ପଡ଼ିଛନ୍ତି, କମିଶନରେଟ ପୋଲିସ ସେମାନଙ୍କୁ ସହାୟତା ଯୋଗାଇ ଦେଇଛି । ତେବେ ଲୋକମାନେ ନିଜେ ସଚେତନ ରହି ସ୍ୱେଚ୍ଛାକୃତ ଭାବେ ନିୟମ ମାନିବାର ଆବଶ୍ୟକତା ରହିଛି । ସେହିପରି କରୋନା ମହାମାରୀ ସମୟରେ ଆଗଧାଡ଼ିରେ ରହି ଦାୟିତ୍ୱ ସମ୍ପାଦନ କରୁଥିବା ପୋଲିସ କର୍ମଚାରୀମାନଙ୍କ ସୁରକ୍ଷା ପ୍ରସଙ୍ଗରେ ଶ୍ରୀ ଷଡ଼ଙ୍ଗୀ କହିଥିଲେ ଯେ ଆମର ପୋଲିସ କର୍ମଚାରୀଙ୍କ ସୁରକ୍ଷା ପାଇଁ ଯେଉଁସବୁ ପଦକ୍ଷେପ ନିଆଯାଇଛି ତାହା ଅନ୍ୟମାନଙ୍କ ପାଇଁ ଅନୁକରଣୀୟ । ଦୁଇ ସହରରେ ୮ହଜାରରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ ରହିଥିଲେ ମଧ୍ୟ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିବା ଯୋଗୁ ମାତ୍ର ଦୁଇରୁ ତିନି ଜଣ କର୍ମଚାରୀ କରୋନାରେ ସଂକ୍ରମିତ ହୋଇଛନ୍ତି । ବୟସ୍କ ଏବଂ ପୂର୍ବରୁ କୌଣସି ରୋଗ ଥିବା କର୍ମଚାରୀଙ୍କ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଅନ୍ୟତମ ବକ୍ତା ଭାବେ ଯୋଗ ଦେଇ ବରିଷ୍ଠ ସାମ୍ବାଦିକ ତଥା ସୁବାର୍ତାର ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ କହିଥିଲେ ଯେ ବର୍ତମାନ ସମଗ୍ର ମାନବ ସମାଜ ଏକ ଅଦୃଶ୍ୟ ଶକ୍ତି ବିରୋଧରେ ଯୁଦ୍ଧ କରୁଛି । ଏହି ସମୟରେ ଅଗ୍ରଣୀ କରୋନା ଯୋଦ୍ଧାମାନେ ସେମାନଙ୍କ ଜୀବନକୁ ବାଜି ଲଗାଇ କାମ କରୁଛନ୍ତି । ସେମାନେ ନିଜର ସାମାଜିକ ସେବା ଚରିତ୍ରର ପ୍ରଦର୍ଶନ କରିଛନ୍ତି । ସେହିପରି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଡିଏମଇଟି ପ୍ରଫେସର ଡାକ୍ତର ସିବିକେ ମହାନ୍ତି କହିଥିଲେ ଯେ ଆମେ ଏକ ଅଦୃଶ୍ୟ ଏବଂ ନୂଆ ଶତ୍ରୁର ମୁକାବିଲା କରୁଛୁ । ଏ ମହାମାରୀର କୌଣସି ଚିକିତ୍ସା ନଥିବାରୁ ସତର୍କ ରହିବା ହିଁ ସବୁଠୁ ଉତମ ମାର୍ଗ ବୋଲି ସେ କହିଥିଲେ । ଏହି ସମୟରେ ଆତ୍ମସଚେତନ ହେବାକୁ ସେ ଆହ୍ୱାନ କରିଥିଲେ । ବିଶେଷ କରି ରୋଗୀଙ୍କ ଚିକିତ୍ସା କରୁଥିବା ଏବଂ ଅନ୍ୟ କରୋନା ଯୋଦ୍ଧାମାନେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ପିନ୍ଧିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ସେହିପରି ସେ କରୋନା ଚିକିତ୍ସା ସମୟରେ ବାହାରୁଥିବା ବର୍ଜ୍ୟବସ୍ତୁର ପରିଚାଳନା ଏବଂ ବିଶୋଧନ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିବା ଉତ୍କଳ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ପ୍ରାଧାପିକା ଡ. ନବନୀତା ରଥ କହିଥିଲେ ଯେ ଏହି ମହାମାରୀ ବିରୋଧୀ ଲଢ଼େଇରେ ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ ବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । ସେମାନଙ୍କର ଗୋଷ୍ଠୀ ସମ୍ପର୍କ ଯୋଗୁ ରୋଗୀଙ୍କୁ ଚିହ୍ନଟ କରିବା, ତୃଣମୂଳସ୍ତରରେ ସଚେତନତା ସୃଷ୍ଟି କରିବା ଆଦି କାର୍ଯ୍ୟ ସୁଚାରୂ ରୂପେ ସମ୍ପାଦିତ ହୋଇପାରୁଛି । ତେବେ ଏହି ମହାମାରୀ କାରଣରୁ ସେମାନଙ୍କର ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି । ସେମାନଙ୍କ ସାହସିକ କାର୍ଯ୍ୟ ଗଣମାଧ୍ୟମ ଜରିଆରେ ସମସ୍ତଙ୍କ ସାମ୍ନାକୁ ଆସିପାରିଛି । ତେଣୁ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଏହି କରୋନା ଯୋଦ୍ଧାଙ୍କ ସାମାଜିକ ଓ ଜୀବନ ଅଧିକାର ସୁରକ୍ଷା ପ୍ରତି ସରକାରୀ ସ୍ତରରେ ଦୃଷ୍ଟି ଦିଆଯିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଡିଏମଇଟି ପ୍ରଫେସର ଡା. ବ୍ରଜକିଶୋର ଦାସ, ଅଂଚଳିକ ଜନସମ୍ପର୍କ କାର୍ଯ୍ୟାଳୟ, ଭୁବନେଶ୍ୱରର ନିର୍ଦ୍ଦେଶକ ଅଖିଳ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ । ୱେବିନାର ଅବସରରେ ବିଶେଷଜ୍ଞ ମାନେ ଅଂଶଗ୍ରହଣକାରୀଙ୍କ ବିଭିନ୍ନ ପ୍ରଶ୍ନର ଉତର ଦେଇଥିଲେ । ପିଆଇବିର ଗଣ ଯୋଗାଯୋଗ ଅଧିକାରୀ ଡ. ପ୍ରଦୀପ ଚୌଧୁରୀ ଏହି ୱେବିନାରକୁ ପରିଚାଳନା କରିଥିବା ବେଳେ ବହୁ ଗଣମାଧ୍ୟମ ବୁଦ୍ଧିଜୀବୀ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଅଧିକାରୀ ଓ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ ଓ ଗବେଷକମାନେ ଏଥିରେ ଅଂଶଗ୍ରହଣ କରିଥିଲେ ।

ଦେଶର ସବୁଠାରୁ ବଡ ସେକ୍ସ ରାକେଟ୍ ଚଳାଉଥିବା ସୋନୁ ପଞ୍ଜାବନକୁ ୨୪ ବର୍ଷ ଜେଲ୍

ନୂଆଦିଲ୍ଲୀ, ୨୩/୭ (ନି.ପ୍ର.): ରାଜଧାନୀ ଦିଲ୍ଲୀ ସମେତ ଦେଶର ଅନେକ ରାଜ୍ୟରେ ସବୁଠାରୁ ବଡ ସେକ୍ସ ରାକେଟ୍ ଚଳାଉଥିବା କୁଖ୍ୟାତ ଗୀତା ଆରୋରା ଓରଫ୍ ସୋନୁ ପଞ୍ଜାବନଙ୍କୁ ଦିଲ୍ଲୀର ଦ୍ୱାରକା କୋର୍ଟ ୨୪ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ସେହିପରି ତାର ସହଯୋଗୀ ସନ୍ଦୀପଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ ଦିଆଯାଇଛି । ନାବାଳିକାକୁ ଜବରଦସ୍ତି ଦେହ ବ୍ୟବସାୟରେ ନିୟୋଜିତ କରିବା ଅଭିଯୋଗରେ ସୋନୁ ପଞ୍ଜାବନ ଏହି ଦଣ୍ଡ ପାଇଛନ୍ତି । ନିକଟରେ ଦିଲ୍ଲୀର ଦ୍ୱାରକା କୋର୍ଟ ସୋନୁ ପଞ୍ଜାବନ ଏବଂ ସନ୍ଦୀପଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ଦୋଷୀ ସାବ୍ୟସ୍ତ ହେବାର ଦୁଇ ଦିନ ପରେ ତିହାର ଜେଲରେ ଥିବା ବେଳେ ସୋନୁ ପଞ୍ଜାବନ ଔଷଧ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲା । ତେବେ ଡାକ୍ତରଖାନାରେ ଚିକିତ୍ସା ପରେ ସେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥିଲା । ଗତ ୨୦୧୪ ରେ ଦିଲ୍ଲୀର ନଜଫଗଡ ପୋଲିସ ଷ୍ଟେସନରେ ନାବାଳିକାକୁ ଦେହ ବ୍ୟବସାୟରେ ଲଗାଇବା ଅଭିଯୋଗରେ ସୋନୁ ପଞ୍ଜାବନ ଏବଂ ତାଙ୍କର ୬ ଜଣ ସହଯୋଗୀଙ୍କ ବିରୋଧରେ ଏକ ଏଫ୍‌ଆଇଆର୍ ପଞ୍ଜିକୃତ ହୋଇଥିଲା । ପରେ ମାମଲାର ତଦନ୍ତ କ୍ରାଇମ ବ୍ରାଂଚକୁ ହସ୍ତାନ୍ତର କରାଯାଇଥିଲା । ୨୦୧୭ ମସିହାରେ ସୋନୁ ପଞ୍ଜାବନ୍ ଏବଂ ତାଙ୍କ ସହଯୋଗୀ ସନ୍ଦୀପଙ୍କୁ ଗିରଫ କରାଯାଇଥିଲା । ଏହାପୂର୍ବରୁ ସୋନୁ ପଞ୍ଜାବନ ଏକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ସେହି ଦଣ୍ଡର ବର୍ଷ ସମାପ୍ତ ହେବା ପରେ, ଏହି ଦଣ୍ଡ ଆଜୀବନ କାରାଦଣ୍ଡ ଭାବରେ ବିବେଚନା କରାଯିବ । ଏହି ଦଣ୍ଡ ଘୋଷଣା କରିବାବେଳେ କୋର୍ଟ ପୀଡିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ।

ନାମକୁ ମାତ୍ର ପାନ ଦୋକାନ ବନ୍ଦ, ଲକ୍ ଡାଉନରେ ଛୋଟ ଦୋକାନୀ ପ୍ରଭାବିତ

ରାଉରକେଲା, ୨୩/୭ (ନି.ପ୍ର.): ଲକ୍ ଡାଉନ, ସଟ୍ ଡାଉନ୍ ନିହାତି ଆବଶ୍ୟକ, କରୋନାକୁ ନିୟନ୍ତ୍ରଣ ଲାଗି ଏସବୁ କରାଯାଉ । କିନ୍ତୁ ଏହି ସମୟରେ ରାସନ ଦୋକାନ, ମାଛ, ମାଂସ, ଅଣ୍ଡା, ପରିବା ଓ ବିଦେଶୀ ମଦ ଦୋକାନ ଖୋଲା ରହୁଥିବା ବେଳେ ନାମକୁ ମାତ୍ର ପାନ ଦୋକାନ କୁହାଯାଉଥିବା ଦୋକାନ ଗୁଡିକୁ ବନ୍ଦ କରାଯାଉଥିବାରୁ ସମ୍ପୃକ୍ତ ଦୋକାନୀ ମାନଙ୍କ ଆର୍ଥିକ ଅବସ୍ଥା ଧିରେ ଧିରେ ଦୁର୍ବଳ ହେବାରେ ଲାଗିଛି । ଏହି ଦୋକାନ ଗୁଡିକର ସଂଖ୍ୟା ସହର ବଜାରରେ ସର୍ବାଧିକ । ଏମାନେ ଥଣ୍ଡା ପାନୀୟ, ଆଇସକ୍ରୀମ ଠାରୁ ଆରମ୍ଭ କରି ମୁଣ୍ଡ କଳାଲାଗି ପାଉଡର, ବ୍ରସ, ଛୁଂଚି, ସୂତା, ଗନ୍ଧକର୍ପୁର ସମେତ ବିଭିନ୍ନ ପ୍ରକାର ଅତ୍ୟାବଶ୍ୟକ ସାମଗ୍ରୀ ରଖି ବିକ୍ରୀ କରିଥାନ୍ତି । ତେଣୁ ଲୋକେ ଏହି ସବୁ ଦୋକାନ ଉପରେ ବେଶି ନିର୍ଭରଶୀଳ । ଆଜିକାଲି ଆଉ ଏସବୁ ଦୋକାନରେ ପାନ ମିଳୁନାହିଁ । ମିଳୁଥିଲା ପାନ ଗୁଟଖା ଓ ସିଗାରେଟ । ଏମାନେ ମଧ୍ୟ ଦୋକାନ ଭଡ଼ା ବାବଦରେ ସରକାରଙ୍କ ବିଭିନ୍ନ ସଂସ୍ଥାକୁ ଅର୍ଥ ଦେଉଛନ୍ତି । ରାଉରକେଲା ସହରରେ ଥିବା ଆରଡିଏର ଏହି ସବୁ ଦୋକାନୀ ମାନଙ୍କ ଭଡ଼ାରେ ଆରଡିଏର ଦରମା ହୁଏ ବୋଲି କୁହାଯାଏ । ଖାଲି ଆରଡିଏ ନୁହେଁ, ଆରଏମସିର ମଧ୍ୟ ଅନେକ ଦୋକାନ ରହିଛି । ହେଲେ ଲକ୍ ଡାଉନ, ସଟ୍ ଡାଉନ ବେଳେ ଏସବୁ ଦୋକାନ ବନ୍ଦ ହେବାରୁ ଲୋକେ ଚାହୁଁଥିବା ସାମଗ୍ରୀ ପାଉନାହାନ୍ତି ଓ ଦୋକାନୀ ମାନେ କ୍ଷତିରେ ପଡୁଛନ୍ତି । ଯଦି କିଛି ଅନ୍ୟାନ୍ୟ ଦୋକାନ ସହ ମଦ ଦୋକାନ ଖୋଲା ରହୁଛି ତେବେ ଏହି ସବୁ ଦୋକାନ ବିନା ପାନ ଗୁଟଖା, ପାନ ଓ ସିଗାରେଟରେ କାହିଁକି ଖୋଲା ଯାଇପାରିବ ନାହିଁ ବୋଲି ସେମାନେ ପ୍ରଶ୍ନ କରୁଛନ୍ତି । ଖାଲି ଏହି ସବୁ ଦୋକାନ ନୁହେଁ ଅନେକ ଛୋଟ ଦୋକାନ ରହିଛି ସେଠାରେ ଲୋକଙ୍କର ନିୟମିତ ଆବଶ୍ୟକ ସାମଗ୍ରୀ ଉପଲବ୍ଧ ହେଉଛି । ତେଣୁ ଏସବୁକୁ ଘୋଷଣା ହୋଇଥିବା ସମୟ ସୀମା ଭିତରେ ଖୋଲିବାଲାଗି ସୁଯୋଗ ଦେଇ ସେମାନଙ୍କ ପରିବାର ଗୁଡିକୁ ବଂଚିବାରେ ସହଯୋଗ କରିବା ଅବଶ୍ୟକ ରହିଥିବା ମତ ପ୍ରକାଶ ପାଇଛି । ଯଦି ସେମାନେ ଦୋକାନ ବନ୍ଦ ରଖିବେ ତେବେ ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ଆବଶ୍ୟକ ବୋଲି ଦାବି ହେଉଛି ।

ଗୁଜୁରାଟରେ ୭୦୦ ମେଗାୱାଟ କାକରପାର ଆଣବିକ ଶକ୍ତି କେନ୍ଦ୍ର-୩ର ସଫଳତା ନେଇ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଲେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ

ନୂଆଦିଲ୍ଲୀ, ୨୩/୭ (ନି.ପ୍ର.): ଗୁଜୁରାଟରେ ୭୦୦ ମେଗାୱାଟ କାକରପାର ଆଣବିକ ଶକ୍ତି କେନ୍ଦ୍ର-୩ର ସଫଳ କାର୍ଯ୍ୟକ୍ଷମତା ପାଇଁ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ସେ କହିଛନ୍ତି, "ଭାରତର ଆଣବିକ ଇତିହାସରେ ଏହା ଏକ ବଡ ଦିନ ଏବଂ ସମଗ୍ର ଦେଶ ଆମ ବୈଜ୍ଞାନିକମାନଙ୍କୁ ଏହି ଜବରଦସ୍ତ ସଫଳତା ପାଇଁ ଅଭିବାଦନ ଜଣା

କୋଭିଡ ଯୁଦ୍ଧରେ ପୂର୍ବତଟ ରେଳପଥର ମହିଳା କର୍ମଚାରୀଙ୍କ ଭୂମିକା ମହତ୍ୱପୂର୍ଣ୍ଣ

ଭୁବନେଶ୍ୱର,୨୩।୭ (ନି.ପ୍ର): ସାରା ଦେଶରେ କୋଭିଡ-୧୯ ବିପକ୍ଷ ଯୁଦ୍ଧରେ ପୂର୍ବତଟ ରେଳପଥର ମହିଳା କର୍ମଚାରୀ, ଯେଉଁମାନେ ଲୋକୋ ପାଇଲଟ, ଷ୍ଟେସନ ମାଷ୍ଟର, ଗାର୍ଡ, ଟୋକନ ପୋର୍ଟର, ଗ୍ୟାଙ୍ଗ୍ ଓମ୍ୟାନ୍, ଟେକନିସିଆନ୍, ଟିକଟ କଲେକ୍ଟର, ରେଳ ସୁରକ୍ଷା ବଳର କର୍ମଚାରୀ ରୂପେ କାର୍ଯ୍ୟରତ , ସେମାନେ କରୋନା ଯୋଦ୍ଧା ଭାବେ ଭୂମିକା ନିର୍ବାହ କରିଛନ୍ତି।।

ଦେଶ ବ୍ୟାପୀ ଲକ୍ ଡାଉନ୍ ଜାରି ରହିଥିବା ସମୟରେ ରେଳବାଇକୁ ୨୨ ମାର୍ଚ୍ଚ, ୨୦୨୦ ରୁ ଏହାର ସମସ୍ତ ଯାତ୍ରୀସେବାକୁ ସ୍ଥଗିତ ରଖିବାକୁ ପଡିଥିଲା। କିନ୍ତୁ ଏହି ସମୟରେ ସାରା ଦେଶରେ ମାଲ୍ ବାହୀ ଟ୍ରେନ ଓ ପାର୍ସଲ୍ ଟ୍ରେନ ମାଧ୍ୟମରେ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ଚାଲୁ ରଖାଯାଇ ଥିଲା ।ପରବର୍ତ୍ତୀ ସମୟରେ ଅଟକି ରହିଥିବା ପ୍ରବାସୀମାନଙ୍କ ପାଇଁ ଓ ଜନସାଧାରଣଙ୍କ ଆବଶ୍ୟକତା ପୂରଣ କରବା ପାଇଁ ଶ୍ରମିକ ସ୍ପେସିଆଲ ଟ୍ରେନ ଓ ଅନ୍ୟାନ୍ୟ ସ୍ପେସିଆଲ ଟ୍ରେନ ଗୁଡିକ ଚଳାଚଳ କରିଥିଲା । ସେହି ସମୟରେ ଏହି ମହିଳା ରେଳ କର୍ମଚାରୀ ମାନେ ଟ୍ରେନ ଚଳାଚଳ ଓ ଟ୍ରେନ ପରିଚାଳନା ରେ ସାହାଯ୍ୟ କରିବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ । ଏହି ମହିଳା କର୍ମଚାରୀମାନେ ଗୋଟିଏ ପଟରେ ପ୍ରତ୍ୟକ୍ଷ ଟ୍ରେନ ଚଳାଚଳ କରିବା କାର୍ଯ୍ୟରେ ସଂଶ୍ଳିଷ୍ଟ ରହି ଲୋକୋ ପାଇଲଟ, ଷ୍ଟେସନ ମାଷ୍ଟର, ଗାର୍ଡ ରୂପେ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଅନ୍ୟ ପଟରେ ଗ୍ୟାଙ୍ଗ ଓମ୍ୟାନ, ସୁପରଭାଇଜର, ହେଲ୍ ପର, ଟେକନିସିଆନ, ଇଲେକ୍ଟ୍ରିସିଆନ, କ୍ୟାରେଜ ଷ୍ଟାଫ୍, ଗେଟ୍ କିପର ରୂପେ କାର୍ଯ୍ୟ କରି ଟ୍ରାକ୍, ୱାଗନ, ଓଭରହେଡ୍ ଉପକରଣ, କୋଚ ରକ୍ଷଣାବେକ୍ଷଣ, ସିଗନାଲ ରକ୍ଷଣାବେକ୍ଷଣ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ବ୍ରେକ୍ ଡାଉନ ପ୍ରତି ଅହୋରାତ୍ର ଧ୍ୟାନ ଦେଇଥିଲେ। ଅନବରତ ଟ୍ରେନ ଚଳାଚଳ ଚାଲୁ ରଖିବାକୁ ସୁନିଶ୍ଚିତ କରିବା ନିମନ୍ତେ ରକ୍ଷଣାବେକ୍ଷଣରେ ନିୟୋଜିତ ଏହି ମହିଳା କର୍ମଚାରୀମାନେ ଦିନରାତି ଅକ୍ଳାନ୍ତ ଉଦ୍ୟମ କରୁଥିଲେ । ରେଳ ସୁରକ୍ଷା ବଳରେ ନିୟୋଜିତ ଏହି ମହିଳା କର୍ମଚାରୀ ମାନେ ଟିକଟ ଯାଂଚ, ସ୍ୱଚ୍ଛତା ଯାଂଚ ସହିତ ଷ୍ଟେସନ ରେ କୋଭିଡ-୧୯ ସୁରକ୍ଷା ଆଚାରସଂହିତାକୁ କାର୍ଯ୍ୟକାରୀ କରବା କ୍ଷେତ୍ରରେ ପ୍ରତ୍ୟକ୍ଷ ରୂପେ ଜଡିତ ଥିଲେ । ଲକଡାଉନ ସମୟରେ ଟ୍ରେନକୁ ସୁରକ୍ଷା ଦେବା , ଷ୍ଟେସନରେ ପାଟ୍ରୋଲିଙ୍ଗ କରିବା ଏବଂ ଭୋକିଲା ମାନଙ୍କୁ ଖାଦ୍ୟ ବଂଟନ କାର୍ଯ୍ୟରେ ଏହି ମହିଳା କର୍ମଚାରୀ ମାନେ ନିୟୋଜିତ ଥିଲେ କ୍ଷ ସେମାନେ ଅହୋରାତ୍ର ଯାତ୍ରୀ ମାନଙ୍କ ସୁରକ୍ଷା ଓ ନିରାପତା ପ୍ରତି ଧ୍ୟାନ ଦେଉଥିଲେ । ଏହି ମହିଳା ଯୋଦ୍ଧା ମାନେ ଯାତ୍ରୀମାନଙ୍କୁ ସୁରକ୍ଷା ଦେବା ସହିତ ସେମାନଙ୍କର ଗମନାଗମନ ପାଇଁ ବିଶେଷ ଭୂମିକା ନିର୍ବାହ କରିଥିଲେ । ଏହି ବିପଦର ଘଡ଼ିସନ୍ଧି ମୁହୂର୍ତ୍ତରେ ସେମାନେ ଅସାଧାରଣ ନିଷ୍ଠାର ପରାକାଷ୍ଠା ଦେଖାଇ ସେମାନଙ୍କର ପ୍ରଦର୍ଶନକୁ ଉଲ୍ଲେଖନୀୟ କରିଛନ୍ତି ।

ସାନିଟାଇଜ୍ ହେଲା ଆମ୍ବଳିଅଠା ଗାଁ

ଜଳେଶ୍ୱର,୨୩।୭ (ନି.ପ୍ର): ମହାମାରୀ କରୋନାର କାୟା ଦିନକୁଦିନ ବୃଦ୍ଧି ପାଉଥିବାରୁ ଏହାକୁ ମୁକାବିଲା କରିବାରେ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହୋଇଛି । ପଶ୍ଚିମବଂଗକୁ ଲାଗିଥିବା ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନଛିମପୁର ପଂଚାୟତର ଆମ୍ବଳିଅଠା ଗାଁରେ ୧୫ଟି କରୋନା ପଜେଟିଭ୍ ବାହାରିବାପରେ ଗ୍ରାମରେ କୁଆଭୟ ସୃଷ୍ଟି ହୋଇଛି । ତେଣୁ ଆଜି ଗୁରୁବାର ସରପଂଚ ଦୀପାଳି ଜେନାଙ୍କ ନିର୍ଦ୍ଦେଶରେ ଗ୍ରାମର ୧୩ଜଣ ଯୁବକ ଗ୍ରାମର ସମସ୍ତ ରାସ୍ତା ସହିତ ଘରକୁ ଘର ବୁଲି ସାନିଟାଇଜ୍ କରିଥିଲେ । ବିଭିନ୍ନ ସ୍ଥାନରେ ବ୍ଲିଚିଂ ପକାଇବା ସହିତ କେମିକାଲ ସ୍ପ୍ରେ କରି ସାନିଟାଇଜ୍ କରିଥିଲେ । ସରପଂଚଙ୍କ ନିର୍ଦ୍ଦେଶକ୍ରମେ ଆଶା, ଅଙ୍ଗନୱାଡି କର୍ମୀମାନେ ମିଳିତଭାବେ ଘରକୁଘର ବୁଲି କରୋନା ସର୍ଭେକାର୍ଯ୍ୟ କରିଛନ୍ତି । ଗ୍ରାମର ସୁଶାନ୍ତ କୁମାର କର, ମିହିର ଜେନା, ନନ୍ଦକିଶୋର ଜେନା, ସଂଜୟ କର, ଗୋପାଳ କର, ସୁବିର ଜେନା, ଉତ୍ତମ କର, ସାନ୍ତନୁ କର ପ୍ରମୁଖ ଏହି ସାଇଟାଜ୍ କାର୍ଯ୍ୟ କରିଥିବା ବେଳେ ସରପଂଚ ପ୍ରତିନିଧି ସପନ କୁମାର ଜେନା ଏହାକୁ ପରିଚାଳନା କରିଥିଲେ । 'ଲରେ ଗ୍ରାମବାସୀଙ୍କ ମନରେ ଆନନ୍ଦ ପ୍ରକାଶ ପାଇଥିଲା ।

ଜୀବନ ଜୀବିକା ଲାଗି ସାଆଇଟିଉ କୃଷକ ସଭା ପକ୍ଷରୁ ପ୍ରତିବାଦ ଦିବସ ପାଳିତ

ଜଳେଶ୍ୱର,୨୩।୭ (ନି.ପ୍ର): କରୋନା ମହାମାରୀରେ ଦେଶରେ ଜୀବନ ଜୀବିକା ବିପର୍ଯ୍ୟସ୍ତ ହୋଇଥିବା ବେଳେ ଏହାର ସୁଯୋଗ ନେଇ କେନ୍ଦ୍ର ଓ ରାଜ୍ୟ ସରକାର ଜନବିରୋଧି ଅଧ୍ୟାଦେଶ ଓ ଆଇନ୍‌କୁ ସିଆଇଟିଉ, କୃଷକ ସଭା ଓ କ୍ଷେତମୁଲିଆ ସଂଗଠନ ପକ୍ଷରୁ ସର୍ବଭାରତୀୟ ସ୍ତରରେ ପ୍ରତିବାଦ ଦିବସ ପାଳନ କରାଯାଉଥିବାରୁ ଆଜି ଜଳେଶ୍ୱରର ବିଭିନ୍ନ ସ୍ଥାନରେ ଏହା ଅନୁଷ୍ଠିତ ହୋଇଛି । ଶ୍ରମ ଆଇନ୍ ଉଚ୍ଛେଦ, ଜାତୀୟ ସମ୍ପତ୍ତିକୁ ଘରୋଇ କରଣ, ବ୍ୟାଙ୍କ ମିଶ୍ରଣ, ଠିକା ଶ୍ରମିକ ଉଚ୍ଛେଦ, କୃଷି ବିରୋଧି ଅଧ୍ୟାଦେଶ ବିରୋଧରେ ଆଜି ଜଳେଶ୍ୱର, ଚୂଡାମଣିପୁର, ଡେମୁରିଆ, ବାଇଗଣବାଡିଆ, ନାମ୍ପୋ, ସୁଗୋ, ରାଜପୁର, ଅଗ୍ରଓ୍ୱଲାଛକ, ରାୟାଁରାମଚନ୍ଦ୍ରପୁର, ଫଂଚିଘଣ୍ଟା ଓ ଗୋପୀମୋନପୁର ଠାରେ ୧୫ଦ'ା ଦାବିରେ ପ୍ରତିବାଦ ଓ ବିକ୍ଷୋଭ ଅନୁଷ୍ଠିତ ହୋଇ ଯାଇଛି । ସବୁ ପରିବାରକୁ ୭୫୦୦ଟଙ୍କା ୬ମାସ ପର୍ଯ୍ୟନ୍ତ ଦେବା, ମୁଣ୍ଡପିଛା ୧୦କେଜି ଚାଉଳ ୬ମାସ ପର୍ଯ୍ୟନ୍ତ ଦେବା, ରାଜ୍ୟ ସରକାରଙ୍କ ନିଯୁକ୍ତିବନ୍ଦକୁ ବାତିଲ କରିବା, ଠିକା କର୍ମଚାରୀଙ୍କୁ ଛଟେଇ ବନ୍ଦ କରିବା, ମନୋରେଗା କାର୍ଯ୍ୟକ୍ରମରେ ଦୈନିକ୬ଶହ ଟଙ୍କା ୨ଶହ ଦିନର କାର୍ଯ୍ୟଦେବା ଇତ୍ୟାଦି ନେଇ ଆସନ୍ତା ୯ ତାରିଖରେ ଦେଶବ୍ୟାପି ଆନ୍ଦୋଳନ ହେବ ବୋଲି ଚେତାବନି ଦେଇଛନ୍ତି । ସଂପାଦକ ଦିଲ୍ଲିପ କୁମାର ଗିରି, ଶିଶିର ହୁଇ, ଜିତାଂଶୁ ନନ୍ଦି, ଦିପ୍ତିମାନ ଆଚାର୍ଯ୍ୟ, ତାପସୀ ପ୍ରହରାଜ, ଦିଲ୍ଲିପ ପରିଡା, ଜୀବନ ପରିଡା, ପଲ୍ଲୁ ଦାସ, ସେକ୍ ଅବଦୁଲ ସାଦ୍ଦିକ, ରତନ ଦାସ, ରବିନ୍ଦ୍ର ବାରିକ, ଯତିନ୍ ଜେନା, ବସନ୍ତ ପ୍ରଧାନ, ଲକ୍ଷ୍ମିଧର ପଲେଇ, ଚୈତନ୍ୟ ଅଣ୍ଡିଆ, ଅସିମ ବେହେରା, ରାମଚନ୍ଦ୍ର ଦେ, ନିର୍ମଳ ପରିଡା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

ଶିଶୁମାନଙ୍କ ସ୍ୱାସ୍ଥ୍ୟ , ପୁଷ୍ଟିସାଧନକୁ ବ୍ୟକ୍ତିଗତ ଭାବେ ତଦାରଖ କରିବେ ଆଇସିଡିଏସ୍ , ଅଙ୍ଗନବାଡ଼ି କର୍ମୀ

ଭୁବନେଶ୍ୱର,୨୩।୭ (ନି.ପ୍ର): ରାଜ୍ୟର ବିଭିନ୍ନ ଆଇସିଡିଏସ୍ ପ୍ରକଳ୍ପ ଅଧୀନରେ ଥିବା ଗୁରୁତର ପୁଷ୍ଟିହୀନ ଶିଶୁ (ସାମ୍), ମଧ୍ୟମ ଧରଣର ପୁଷ୍ଟିହୀନ ଶିଶୁ (ମାମ୍) ଏବଂ ଅତିଶୟ କମ୍ ଓଜନ ଥିବା ଶିଶୁମାନଙ୍କ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାଧନକୁ ଆଇସିଡିଏସ୍ କାର୍ଯ୍ୟକର୍ତା ଏବଂ ଅଙ୍ଗନବାଡ଼ି କର୍ମୀମାନେ ବ୍ୟକ୍ତିଗତ ଭାବେ ତଦାରଖ କରିବେ। ଏହି ଶିଶୁମାନଙ୍କ ପ୍ରତି ମଙ୍ଗଳବାର ଓ ଶୁକ୍ରବାର ହେଉଥିବା ମମତା ଦିବସରେ ସ୍ୱାସ୍ଥ୍ୟ ପରୀକ୍ଷା, ନିୟମିତ ଓଜନ ପରୀକ୍ଷା, ଚିକିତ୍ସା ସୁବିଧା ଆଦିକୁ ଏହି କାର୍ଯ୍ୟକର୍ତାମାନେ ନିରୀକ୍ଷଣ କରିବେ । ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀମାନେ ସେମାନଙ୍କ ପ୍ରକଳ୍ପ ଅଧୀନରେ ଥିବା ସମସ୍ତ ସାମ୍ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପୁଷ୍ଟିସାଧନ ଦାୟିତ୍ୱକୁ ବ୍ୟକ୍ତିଗତ ଭାବେ ତଦାରଖ କରିବେ। ଆଇସିଡିଏସ୍ ସୁପରଭାଇଜରମାନେ ମାମ୍ ଶିଶୁମାନଙ୍କ ଦାୟିତ୍ୱରେ ରହିବେ । ସେହିଭଳି ଅଙ୍ଗନବାଡ଼ି କର୍ମୀମାନେ ତାଙ୍କ ପ୍ରକଳ୍ପ ଅଧୀନରେ ଅତିଶୟ କମ୍ ଓଜନ ଥିବା ଶିଶୁମାନଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ବ୍ୟବସ୍ଥାକୁ ତଦାରଖ କରିବେ । ନିୟମିତ ଭାବେ ଏହି ଶିଶୁମାନଙ୍କ ଓଜନ, ଉଚ୍ଚତା, ମପାଯିବା ସହ ଶିଶୁ ଏବଂ ସେମାନଙ୍କ ମା ଉଭୟଙ୍କ ପାଇଁ ଏକ ଖାଦ୍ୟସରଣୀ ପ୍ରଦାନ କରାଯିବ ।ଏହି ଶିଶୁମାନଙ୍କ ପୁଷ୍ଟିସାଧନ ପାଇଁ ଉପରୋକ୍ତ କାର୍ଯ୍ୟକର୍ତାମାନେ ଦାୟୀ ରହିବେ। ଏହି ମର୍ମରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଜିଲ୍ଲାପାଳମାନଙ୍କୁ ପତ୍ର ଲେଖିଛନ୍ତି । ଯଦିଓ ରାଜ୍ୟରେ ଶିଶୁମାନଙ୍କ ପୁଷ୍ଟିସାଧନର ପ୍ରାୟ ସମସ୍ତ ସୂଚକାଙ୍କରେ ଓଡ଼ିଶାରେ ଅଗ୍ରଗତି ପରିଲକ୍ଷିତ ହୋଇଛି, କିନ୍ତୁ ସାମ୍, ମାମ ଏବଂ ଅତିଶୟ କମ୍ ଓଜନର ଶିଶୁମାନଙ୍କୁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି । ବିଶେଷ କରି କୋଭିଡ୍ ମହାମାରୀ ସମୟରେ ଏହି ଶିଶୁମାନଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନର ବ୍ୟାପକ ତଦାରଖ ହେବା ଜରୁରୀ ଏବଂ ଏଥିରେ କ୍ଷେତ୍ର କର୍ମଚାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି ବୋଲି ପ୍ରମୁଖ ଶାସନ ସଚିବ ପତ୍ରରେ ଉଲ୍ଲେଖ କରିଛନ୍ତି। ସାମ୍, ମାମ୍ ଏବଂ ଅତିଶୟ କମ୍ ଓଜନର ଶିଶୁମାନଙ୍କ ସ୍ୱାସ୍ଥ୍ୟ ଅଗ୍ରଗତିର ସଂପୂର୍ଣ୍ଣ ତଥ୍ୟ ଆବଶ୍ୟକୀୟ ଫର୍ମାଟ୍ ରେ ପୂରଣ କରି ପ୍ରତିମାସର ୧୦ ତାରିଖ ମଧ୍ୟରେ ବିଭାଗକୁ ପଠାଇବାକୁ କୁହାଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀମାନେ ଏହି ତଥ୍ୟ ନିର୍ଦ୍ଦିଷ୍ଟ, ସମୟସୀମା ମଧ୍ୟରେ ଜିଲ୍ଲାପାଳଙ୍କ ଅବଗତି କ୍ରମେ ବିଭାଗକୁ ପଠାଇବା ନିମନ୍ତେ ଦାୟୀ ରହିବେ। କୋଭିଡ୍ ପରିସ୍ଥିତିରେ ଯେଉଁଠି ଏହି ଶିଶୁମାନଙ୍କ ପାଖରେ ପହଂଚିବା କଷ୍ଟସାଧ୍ୟ ହେବ ସେଠାରେ କାର୍ଯ୍ୟକର୍ତାମାନେ ଟେଲିଫୋନ ଯୋଗେ ଏସବୁର ତଦାରଖ କରିବେ । କ୍ଷେତ୍ର ସ୍ତରୀୟ ପରିଦର୍ଶନ ସମୟରେ କୋଭିଡ୍-୧୯ ନିୟମାବଳୀକୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏ ସଂପର୍କରେ ସମସ୍ତ ଡିଏସ୍‌ଡବ୍ଲ୍ୟୁଓ, ସିଡିପିଓ ଏବଂ ଆଇସିଡିଏସ୍ କାର୍ଯ୍ୟକର୍ତାଙ୍କୁ ଅବଗତ କରାଯାଇଛି।

ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲ ଛାତ୍ର ସଂସଦ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ ଲକ୍ଷ ଟଙ୍କା ସହାୟତା

ଭୁବନେଶ୍ୱର ,୨୩।୭ (ନି.ପ୍ର): ଭୁବନେଶ୍ୱରସ୍ଥିତ ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲର ୧୯୮୦ ବ୍ୟାଚ୍ ଛାତ୍ର ସଂସଦ "କ୍ୟାପିଟାଲ-୮୦" ତରଫରୁ କୋଭିଡ୍-୧୯ ମୁକାବିଲା ପାଇଁ ଓଡିଶା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସଙ୍କ ଜରିଆରେ ଏହି ଅର୍ଥ ଆଜି ଚେକ୍ ମାଧ୍ୟମରେ ରିଲିଫ୍ ପାଣ୍ଠି ଉଦ୍ଦେଶ୍ୟରେ ଛାତ୍ର ସଂସଦର ସଭାପତି ଇଂଜିନିୟର ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଛି । ଚେକ୍ ପ୍ରଦାନ ସମୟରେ ସଂଘର ଉପ ସଭାପତି ଶ୍ରୀ ଶିବ ପ୍ରସାଦ ଦାସ ଏବଂ ଶ୍ରୀ ଜ୍ଞାନ ରଞ୍ଜନ ସେନାପତି, ସାଧାରଣ ସମ୍ପାଦକ ଶ୍ରୀ ବୈକୁଣ୍ଠ ତ୍ରିପାଠୀ, ସଦସ୍ୟ ଶ୍ରୀ ଶିବ ପାତ୍ର ଓ ଶ୍ରୀ ଭଗବାନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି, ଏହି ସଂଘର ସଦସ୍ୟମାନେ ଦୀର୍ଘ ୫ ବର୍ଷ ଧରି ବିଭିନ୍ନ ସାମାଜିକ ଉନ୍ନୟନ ମୂଳକ କାର୍ଯ୍ୟ କରିବା ସହିତ ନିଜ ବିଦ୍ୟାଳୟରେ ଶିକ୍ଷାର ବିକାଶ ପାଇଁ ସର୍ବଦା ସହଯୋଗ ପ୍ରଦାନ କରିଆସୁଛନ୍ତି । କୋଭିଡ୍ ମୁକାବିଲା ସ୍ଥିତିରେ ଏହି ସହାୟତା ରାଶି ଗ୍ରହଣ କରି ମନ୍ତ୍ରୀ ଶ୍ରୀ ଦାସ ଛାତ୍ର ସଂସଦର ସମସ୍ତ କର୍ମକର୍ତା ଓ ସଦସ୍ୟମାନଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ୟୁଜି ଓ ପିଜି ଶେଷ ବର୍ଷ ସେମିଷ୍ଟାର ପରୀକ୍ଷା ବାତିଲ କରିବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପତ୍ର

ମାର୍ଗଦର୍ଶିକାର ପୁନର୍ବିଚାର କରିବାକୁ ଅନୁରୋଧ କଲେ

ଭୁବନେଶ୍ୱର,୨୩।୭ (ନି.ପ୍ର): ଜୁଲାଇ ୬ ତାରିଖରେ ୟୁଜିସି ଦ୍ୱାରା ଜାରି କରାଯାଇଥିବା ପରିବର୍ତ୍ତିତ ମାର୍ଗଦର୍ଶିକା ଅନୁଯାୟୀ ରାଜ୍ୟରେ ଅଣ୍ଡରଗ୍ରାଜୁଏଟ୍ ଏବଂ ପୋଷ୍ଟଗ୍ରାଜୁଏଟ୍ ଶେଷବର୍ଷ ସେମିଷ୍ଟାର ପରୀକ୍ଷା ବାଧ୍ୟତାମୂଳକ କରାଯାଇଥିବା ପରିପ୍ରେକ୍ଷୀରେ ୟୁଜିସିର ମାର୍ଗଦର୍ଶିକାର ପୁନର୍ବିଚାର କରିବା ସହିତ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିକଳ୍ପ ମୂଲ୍ୟାୟନ ନିଷ୍ପତିକୁ ଲାଗୁ କରିବା ପାଇଁ ଅନୁରୋଧ ଜଣାଇ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ପୁଣିଥରେ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀ ଶ୍ରୀ ରମେଶ ପୋଖରିଓ୍ୱାଲ୍ ନିଶଙ୍କଙ୍କୁ ପତ୍ର ଲେଖିଛନ୍ତି । ଏହାସହ ଜୁନ୍ ୧୮ ତାରିଖରେ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତିମାନଙ୍କ ସହିତ ଅନୁଷ୍ଠିତ ବୈଠକରେ ଛାତ୍ରଛାତ୍ରୀଙ୍କ ହିତ ଦୃଷ୍ଟିରୁ ଅଣ୍ଡରଗ୍ରାଜୁଏଟ୍ ଏବଂ ପୋଷ୍ଟଗ୍ରାଜୁଏଟ୍ ର ଶେଷ ବର୍ଷ ସେମିଷ୍ଟାର ପରୀକ୍ଷାକୁ ବାତିଲ କରି ବିକଳ୍ପ ମୂଲ୍ୟାୟନ ବ୍ୟବସ୍ଥା ମାଧ୍ୟମରେ ଶେଷବର୍ଷ ଫଳ ପ୍ରକାଶନ ନିମନ୍ତେ ନିଆଯାଇଥିବା ନିଷ୍ପତିକୁ ଲାଗୁ କରିବା ପାଇଁ ଅନୁମତି ପ୍ରଦାନ କରିବାକୁ ମନ୍ତ୍ରୀ ଅନୁରୋଧ କରିଛନ୍ତି। ମନ୍ତ୍ରୀ ଡ. ସାହୁ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଜୁଲାଇ ୯ ତାରିଖରେ ଲେଖିଥିବା ପତ୍ରର ପ୍ରାୟ ୧୫ ଦିନ ମଧ୍ୟରେ ଭାରତ ତଥା ରାଜ୍ୟର କୋଭିଡ୍ -୧୯ ସ୍ଥିତି ଅଧିକ ଜଟିଳ ହୋଇଛି। ଆଗାମୀ ମାସଗୁଡ଼ିକରେ ଏହା ଆହୁରି ଅଧିକ ବ୍ୟାପକ ହେବାର ଆଶଙ୍କା ରହିଛି। ଏପରି ସ୍ଥିତିରେ ୟୁଜିସିର ପରିବର୍ତ୍ତିତ ମାର୍ଗଦର୍ଶିକା ଅନୁଯାୟୀ ଅଣ୍ଡରଗ୍ରାଜୁଏଟ୍ ଏବଂ ପୋଷ୍ଟଗ୍ରାଜୁଏଟ୍ ର ଶେଷବର୍ଷ ସେମିଷ୍ଟାର ପରୀକ୍ଷା କରାଇବା ସମ୍ଭବ ଏବଂ ସମୀଚିନ ନୁହେଁ । ରାଜ୍ୟର ପ୍ରାୟ ୨ ଲକ୍ଷ ଅଣ୍ଡରଗ୍ରାଜୁଏଟ୍ ଏବଂ ପୋଷ୍ଟଗ୍ରାଜୁଏଟ୍ ଛାତ୍ରଛାତ୍ରୀ ନିମ୍ନ ଏବଂ ମଧ୍ୟବିତ ପରିବାରର ଏବଂ ସେମାନଙ୍କ ନିକଟରେ କମ୍ପ୍ୟୁଟର, ଲ୍ୟାପ୍‌ଟପ୍ କିମ୍ବା ସ୍ମାର୍ଟଫୋନ୍ ନଥିବା ଏବଂ ଗ୍ରାମାଂଚଳରେ ରହୁଥିବା ଦୃଷ୍ଟିରୁ ଉନ୍ନତ ଇଂଟରନେଟ୍ ସୁବିଧା ଅଭାବରୁ ଅନ୍‌ଲାଇନ୍ ମାଧ୍ୟମରେ ପରୀକ୍ଷା ଦେବା ସମ୍ଭବ ନୁହେଁ। ଏଥି ସହିତ ଖାତାକଲମରେ କ୍ଲାସ୍‌ରୁମ୍ ରେ ପରୀକ୍ଷା ଦେବା ଦ୍ୱାରା ସଂକ୍ରମଣର ଆଶଙ୍କା, ସୀମିତ ହଷ୍ଟେଲରେ ଛାତ୍ରଛାତ୍ରୀମାନଙ୍କର ସାମାଜିକ ଦୂରତ୍ୱ ରକ୍ଷା ନ କରି ପାରିବା, ସାଧାରଣ ପରିବହନ ବ୍ୟବସ୍ଥା ସ୍ୱାଭାବିକ ନ ହେବା, ବେସରକାରୀ ଭଡ଼ାଘରେ ରହୁଥିବା ଛାତ୍ରଛାତ୍ରୀଙ୍କୁ ଘର ମାଲିକ କୋଭିଡ୍-୧୯ ଆଶଙ୍କାରେ ଘରେ ରହିବାକୁ ଅନୁମତି ନଦେବା, ଅନେକ ମହାବିଦ୍ୟାଳୟଗୁଡ଼ିକୁ ଜିଲ୍ଲା ପ୍ରଶାସନ ଦ୍ୱାରା କ୍ୱାରାଂଟାଇନ୍ ସେଂଟର, କୋଭିଡ୍ କେୟାର ହୋମ୍, କୋଭିଡ୍ କେୟାର ସେଂଟର, କୋଭିଡ୍ କେୟାର ହସ୍‌ପିଟାଲ୍ ରେ ପରିଣତ କରିବା ଆଦି କାରଣ ଯୋଗୁଁ ସେପ୍ଟେମ୍ବର ୨୦୨୦ ସୁଦ୍ଧା ସେମିଷ୍ଟାର ପରୀକ୍ଷା କରାଇବା ସମ୍ଭବପର ହେବ ନାହିଁ। ସଂପ୍ରତି ଭାରତବର୍ଷରେ କୋଭିଡ୍-୧୯ ସ୍ଥିତି ଖରାପ ଆଡ଼କୁ ଗତି କରୁଥିବା ପରିପ୍ରେକ୍ଷୀରେ ୟୁଜିସି ମାର୍ଗଦର୍ଶିକା ଅନୁଯାୟୀ ସେପେଫମ୍ବର ୨୦୨୦ ସୁଦ୍ଧା କରାଯିବାକୁ ଥିବା ପରୀକ୍ଷା ବିଳମ୍ବ ହୋଇପାରେ । ସେପରି କ୍ଷେତ୍ରରେ ଶିକ୍ଷାବର୍ଷ ସଂପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହେବା ସହିତ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। ଏଥି ସହିତ ଇଂଟରମିଡିଏଟ୍ ବର୍ଷ/ ସେମିଷ୍ଟାର ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଯଦି ବିକଳ୍ପ ମୂଲ୍ୟାୟନ ବ୍ୟବସ୍ଥା ଗ୍ରହଣ ହୋଇପାରିଛି, ତେବେ ଶେଷ ବର୍ଷ/ ସେମିଷ୍ଟାର ଛାତ୍ରଛାତ୍ରୀମାନଙ୍କ ପାଇଁ ମଧ୍ୟ ଏହାକୁ ଗ୍ରହଣ କରିବା ଆବଶ୍ୟକ। ଯେଉଁ ସୀମିତ ସଂଖ୍ୟକ ଛାତ୍ରଛାତ୍ରୀ ବିକଳ୍ପ ମୂଲ୍ୟାୟନ ବ୍ୟବସ୍ଥାରେ ସନ୍ତୁଷ୍ଟ ହେବେ ନାହିଁ, ସେମାନେ କୋଭିଡ୍ ସ୍ଥିତି ସୁଧୁରିଲେ ନଭେମ୍ବର/ ଡିସେମ୍ବର ମାସରେ ପରୀକ୍ଷା ଦେବାକୁ ନିଶ୍ଚିତ ଏକ ସୁଯୋଗ ପାଇବେ। ବିକଳ୍ପ ମୂଲ୍ୟାୟନ ବ୍ୟବସ୍ଥାରେ ଶେଷବର୍ଷ/ ସେମିଷ୍ଟାର ଫଳ ୨୦୨୦ ଅ

ଶୁକ୍ରବାର, ୨୪ ଜୁଲାଇ ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଆନ୍ତର୍ଜାତିକ ଶ୍ରମିକ ସଂଗଠନ ନିୟମାବଳୀ ବିରୋଧରେ କୌଣସି ଆଇନ୍ ଗ୍ରହଣ ନୁହେଁ

ଭୁବନେଶ୍ୱର ,୨୩।୭ (ନି.ପ୍ର): ଆନ୍ତର୍ଜାତିକ ଶ୍ରମିକ ସଂଗଠନ (ଆଇ.ଏଲ.ଓ) ସମ୍ମିଳନୀ-୧୩୧ ଏବଂ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ, ସୁପାରିଶ , ଆଇ.ଏଲ.ଓ ସମ୍ମିଳନୀ-୮୧ ଏବଂ ୧ ଭିତିରେ ଭାରତ ସରକାର ୱେଜ୍ କୋର୍ଡ଼ ପାଇଁ ନିୟମାବଳୀ ପାଇଁ ପ୍ରସ୍ତୁତ ନକଲେ ତାହା ଶ୍ରମିକ କର୍ମଚାରୀଙ୍କ ପାଇଁ ଗ୍ରହଣୀୟ ହେବ ନାହିଁ ଏବଂ ତାହା ବିରୋଧରେ ଆନ୍ତର୍ଜାତିକ ଶ୍ରମିକ ସଂଗଠନ ଓ ସୁପ୍ରିମକୋର୍ଟକୁ ଯିବା ସହିତ ସାରା ଦେଶରେ ଏହା ବିରୋଧରେ ସ୍ୱର ଉତୋଳନ ହୋଇପାରେ ବୋଲି ବୋଲି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ଓଡ଼ିଶା ରାଜ୍ୟ ସଭାପତି ତଥା ପୂର୍ବତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆ ନ୍ୟାସନାଲ ଲେବର ଲ ଆସୋସିଏସନ ଆନୁକୁଲ୍ୟରେ କେନ୍ଦ୍ର ସରକାରଙ୍କର ପ୍ରସ୍ତାବିତ ୱେଜ କୋର୍ଡ଼ ଆଲୋଚନାରେ ଭାଗ ନେଇ କହିଛନ୍ତି। ଦୈନିକ କାର୍ଯ୍ୟସ୍ଥଳକୁ ଯିବା ଆସିବା ପରିବହନ ଖର୍ଚ୍ଚ, ସାରା ଦେଶ ପାଇଁ ଗୋଟିଏ ସର୍ବନିମ୍ନ ମଜୁରୀ ସ୍ଥିର କରିବା, ମହଙ୍ଗାଭତା ପ୍ରତିବର୍ଷ ଅପ୍ରେଲ ଓ ସେପ୍ଟେମ୍ବର ମାସର ପ୍ରଥମ ସପ୍ତାହ ଘୋଷଣା କରିବା। ଦୈନିକ କାର୍ଯ୍ୟ ସମୟ ୮ ଘଂଟା ରଖିବା। ଛୁଟି ଦିନରେ କାମ କଲେ ଶ୍ରମିକଙ୍କୁ ମଜୁରୀ ଦେବା, ଠିକା ଶ୍ରମିକମାନଙ୍କୁ ସମାନ ମଜୁରୀ ଦେବା, ମଜୁରୀ ନିର୍ଦ୍ଧାରଣ ସଂପର୍କରେ କୌଣସି ବୈଷୟିକ କମିଟି ଗଠନ ନ କରି ତ୍ରିପାକ୍ଷିକ କମିଟିରେ ନିଷ୍ପତି ନେବା। ସମସ୍ତ ଶ୍ରମିକଙ୍କୁ ୱେଜ ସ୍ଲିପ୍ ଦେବା ଏବଂ ପୂର୍ବ ପରି ଠିକା ଶ୍ରମିକ ମଜୁରୀ ନ ପାଇଲେ ମୁଖ୍ୟ ନିଯୁକ୍ତି ଦାତା ବକେୟା ମଜୁରୀ ପୈଠ କରିବା ଏବଂ ଇନ୍‌ସ୍‌ପେକ୍‌ସନର ଦାୟିତ୍ୱ ଠିକ୍ ଲେବର କମିସନର ଉପରେ ଛାଡ଼ି ନ ଦେଇ ଆଇ.ଏଲ.ଓ ସମ୍ମିଳନୀ-୮୧ ଧରା ଅନୁଯାୟୀ, ନିରିକ୍ଷଣ ପାଇଁ ପ୍ରସ୍ତୁତ କରିବା ଏବଂ ଦକ୍ଷ ଶ୍ରମିକ ପଦବିକୁ ପଦ୍ୱୋନିତ ପାଇବା ପାଇଁ ସ୍ପଷ୍ଟ ନିତି ନିର୍ଦ୍ଧାରଣ କରିବା ଏବଂ ସମସ୍ତ କେନ୍ଦ୍ରିୟ ଶ୍ରମିକ ସଂଗଠନ ତଥା ଏମ୍ପ୍ଲୋୟର ସଂଗଠନ ସହିତ ଆଲୋଚନା କରି ଏହି ୱେଜ କୋର୍ଡ ନିୟମାବଳୀକୁ ଚୂଡ଼ାନ୍ତ କରିବା ଏବଂ ସଂପ୍ରତି କୋଭିଡ଼-୧୯ ପେଣ୍ଡାମିକ୍ ପିରିୟଡ଼ରେ କୋଟି କୋଟି ଶ୍ରମିକ ମାର୍ଚ୍ଚ - ୧୫ ତାରିଖ ଠାରୁ ମଜୁରୀ ହରାଇଛନ୍ତି। ଏଣୁ ଏପରି ପାଣ୍ଡାମିକ୍ ଭଳି ଜରୁରୀ ପରିସ୍ଥିତିରେ କେନ୍ଦ୍ର ବା ରାଜ୍ୟ ସରକାର ଲକ୍‌ଡ଼ାଉନ କଲେ ଶ୍ରମିକ କର୍ମଚାରୀମାନେ କିପରି ମଜୁରୀ ପାଇଁ ସେ ସଂପର୍କରେ ୱେଜ୍ କୋର୍ଡ଼ରେ ଉଲ୍ଲେଖ କରିବା ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ଓଡ଼ିଶା ରାଜ୍ୟ ସଭାପତି ତଥା ପୂର୍ବତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆ ପରାମର୍ଶ ଦେଇଛନ୍ତି।

ନାବାଳିକା ଝିଅ ଅପହରଣ : ଥାନାରେ ଅଭିଯୋଗ

ଜଳେଶ୍ୱର,୨୩।୭ (ନି.ପ୍ର): ରାଇବଣିଆ ଥାନା ଅନ୍ତର୍ଗତ ନୂଆସାହି ଗାଁର ଜନୈକ ନାବାଳିକାକୁ ପଡୋଶୀ ଜଗା ପାତ୍ର ଓର' କାର୍ଗିଲ ଗତ ୨୦ତାରିଖରୁ ଅପହରଣ କରିଥିବା ଥାନାରେ ଅଭିଯୋଗ ହୋଇଛି । ବାପା ଘରେ ନଥିବାର ସୁଯୋଗ ନେଇ ଜଗା ନାବାଳିକାକୁ ନେବାର ସୁଯୋଗ ପାଇଥିବାର ଅଭିଯୋଗ କରାଯାଇଛି । ଏ ସଂପର୍କରେ ଜଗା ପରିବାରକୁ ପରିବାରକୁ ପଚାରିବାରୁ ତାର ବାପା ବିଷ୍ଣୁପଦ ପାତ୍ର, କାକା ତାରାକାନ୍ତ ପାତ୍ର, ମା ସରସ୍ୱତୀ ପାତ୍ର, ଜେଜେବାପା କାର୍ତ୍ତକ ପାତ୍ର, ଜେଜେମା କାଳିବୁଡି ପାତ୍ର ପ୍ରମୁଖ ନାବାଳିକାର ବାପାକୁ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରିବା ସହିତ ଧମକଚମକ ଦେଇଥିଲେ । ଏ ସଂପର୍କରେ ୨୩ତାରିଖରେ ନୂଆସାରହି ଗାଁର ୱାର୍ଡମେମ୍ବର ପ୍ରତିନିଧି ଲକ୍ଷ୍ମୀଧର ବିର ମଧ୍ୟସ୍ଥତା କରିବାକୁ ଚାହିଁଥିଲେ ମଧ୍ୟ ପରେ ଆଜି ଅପରାହ୍ନରେ ନା ବାଳିକାର ଘରକୁ ଆସି ବିବାହ ସଂପର୍କରେ ମତ ରଖିବା ସହ ବିଭିନ୍ନ ଧମକଚମକ ଦେଇଥିବାର ନାବାଳିକାର ବାପା ଥାନାରେ ଅଭିଯୋଗ କରିଛନ୍ତି । ପଡୋଶୀର ନାବାଳିକା ଝିଅକୁ ଯୁବକ ଜଣକ ନେଇଥିବାରୁ ସେ ଅଂଚଳରେ ଆଲୋଚ୍ୟର ବିୟେ ହୋଇଛି । ଏହି ଘଟଣାରେ ରାଇବଣିଆ ଥାନାର ଉଦାସୀନତାକୁ ବିଭିନ୍ନ ମହଲରେ ଦାୟୀ କରାଯାଇଛି ।

ଆଦିତ୍ୟ ଦାଶଙ୍କ ସୁଇସାଇଡ ନୋଟର ଆସିଲା ଫରେନସିକ ରିପୋର୍ଟ

ଭୁବନେଶ୍ୱର,୨୩।୭ (ନି.ପ୍ର): ସମାଜସେବୀ ଆଦିତ୍ୟ ଦାଶଙ୍କ ମୃତ୍ୟୁ ମାମଲାର ପ୍ରାୟ ୧୫ ଦିନ ପରେ ସୁଇସାଇଡ୍ ନୋଟର ଫରେନସିକ୍ ରିପୋର୍ଟ ଆସିଛି । ଏନେଇ ରେଳବାଇ ଏଡିଜି ପ୍ରାଣବିନ୍ଦୁ ଆଚାର୍ଯ୍ୟ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଆଦିତ୍ୟ ଦାଶ ହିଁ ନିଜେ ସୁଇସାଇଡ୍ ନୋଟ୍ ନିଜେ ଲେଖିଛନ୍ତି । କାରଣ ଆଦିତ୍ୟଙ୍କ ପୁରୁଣା ହାତ ଲେଖା ସହ ସୁଇସାଇଡ୍ ନୋଟର ଲେଖା ମେଳ ଖାଉଛି ବୋଲି ସେ ସୂଚନା ଦେଇଛନ୍ତି । ତେବେ ଅନ୍ୟ ଦିଗରୁ ମଧ୍ୟ ତଦନ୍ତ ଜାରୀ ରହିଥିବା ସେ ପ୍ରକାଶ କରିଛନ୍ତି ।

ରାସ୍ତା ଦୁର୍ଘଟଣାରେ ୨ ଗୁରୁତର : ବାଲେଶ୍ୱର ସ୍ଥାନାନ୍ତର

ଜଳେଶ୍ୱର,୨୩।୭ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ସହର ସଟ୍‌ଡାଉନ୍ ଥିଲେ ମଧ୍ୟ କେତେକ ଅମାନିଆ ଦ୍ରୁତଗତିରେ ବାଇକ୍‌ଚାଳନା କରି ଆସୁଛନ୍ତି । ଆଜି ଗୁରୁବାର ଅପରାହ୍ନରେ ୨ଜଣ ଯୁବକ ଓଡି୦୧ଜି-୩୫୬୫ ବାଇକ୍‌ଯୋଗେ ବଡବଜାରଆଡୁ ନୂଆବଜାର ଆଡକୁ ଗଲାବେଳେ ପିଏଚ୍‌ଡି ଅଂସ୍ ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ସେଠାରେ ଥିବା ପୁଲିସ୍ ଓ ଅନ୍ୟ କେତେକ ବ୍ୟକ୍ତି ସେମାନଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଜିକେଭଟ୍ଟର ହସ୍‌ପିଟାଲରେ ଭର୍ତ୍ତି କରିଥିଲେ । ନୂଆବଜାରର ଗଂଗାଧର ଦାସ (୨୬) ଓ ସନ୍ୟାସୀ ଗୋଛାୟତ (୩୦) ଗୁରୁତର ହୋଇ ପ୍ରଥମେ ଜିକେଭଟ୍ଟର ହସ୍‌ପିଟାଲରେ ଚିକିତ୍ସିତ ହୋଇଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ପଠାଇ ଦିଆଯାଇଛି । ପୋଲିସ୍ ପ୍ରଶାସନ ଅମାନିଆଙ୍କ ଲାଗି କଠୋର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

ଜିଲ୍ଲାର କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୭୬୩

ବାଲେଶ୍ୱର,୨୩।୭ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣକୁ ନେଇ ସବୁ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ଏନେଇ ସବୁଠି ସାମାଜିକ ଦୂରତା ରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି । କରୋନାର କାୟା ବିସ୍ତାରକୁ ନେଇ ବିଚାର ବିଭାଗ ପରିଚାଳନା ଉପରେ ରାଜ୍ୟ ଉଚ୍ଚ ନ୍ୟାୟାଳୟ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି। ବିଶେଷ କରି ଲକ ଡାଉନ, ସଟ୍ ଡାଉନ୍ ଆଦି ସମୟରେ କୋର୍ଟକାର୍ଯ୍ୟ ବନ୍ଦ ରଖିବା, କଣ୍ଟେନମେଣ୍ଟ ଜୋନରେ ଥିବା କୋର୍ଟମାନଙ୍କରେ ଭର୍ଚୁଆଲ ବ୍ୟବସ୍ଥାରେ କୋର୍ଟ କାର୍ଯ୍ୟ କରିବାକୁ ହାଇକୋର୍ଟ ସମସ୍ତ ଜିଲ୍ଲା କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି କେଉଁଠି ଗ୍ରୀନ୍ ଜୋନରେ କୋର୍ଟ ଅଛି, ତେବେ ଅଳ୍ପ ସଂଖ୍ୟକ କର୍ମଚାରୀଙ୍କୁ ନେଇ କାର୍ଯ୍ୟ ଚଳାଇବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଅନ୍ୟପକ୍ଷରେ ଦେଶରେ ବଢୁଥିବା ସଂକ୍ରମଣ ଆଗାମୀ ଦିନରେ ମହା ବିପଦ ଭାବେ ଉଭା ହେବା ନେଇ ସବୁଠି ଆଶଙ୍କା ଦେଖାଯାଇଛି। ଆଜି ସୁଦ୍ଧା ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୨ଲକ୍ଷ ୩୯ ହଜାର ୬୯୩ ଛୁଇଁଥିବା ବେଳେ ବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ ୨୯ ହଜାର ୮୯୦ରେ ପହଞ୍ଚିଛି। ଅନୁରୂପ ଭାବେ ଓଡ଼ିଶାରେ ଆଜି ଗୋଟିଏ ଦିନରେ ୧୨୬୪ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ପରେ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା୨୧ ହଜାର ୦୯୯ଛୁଇଁଛି। ତେବେ ଅଦ୍ୟାବଧି ୧୩,୨୦୪ ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୭,୩୮୬ ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ଚିକିତ୍ସା କରାଯାଉଛି। ଅନ୍ୟପକ୍ଷରେ ଆଜି ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ରାଜ୍ୟରେ ଅଦ୍ୟାବଧି କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୧୪ରେ ପହଞ୍ଚିଛି। ସେହିଭଳି ବାଲେଶ୍ୱରରେ ମଧ୍ୟ ବଢୁଥିବା କରୋନା ସଂକ୍ରମଣ ଜିଲ୍ଲା ପାଇଁ ସଙ୍ଗୀନ ସ୍ଥିତି ସୃଷ୍ଟି କରିଛି। ଆଜି ୯ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହେବା ସହ ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୭୬୩ରେ ପହଞ୍ଚିଛି। ଅନ୍ୟପକ୍ଷରେ ଅଦ୍ୟାବଧି ୫୫୬ ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୨୦୫ ଜଣ କରୋନା ସଂକ୍ରମିତ ଏବେ କୋଭିଡ୍ ହସପିଟାଲରେ ଚିକିତ୍ସିତ ଉଛନ୍ତି। ତେବେ ଗତ କିଛିଦିନ ଧରି ବୃଦ୍ଧି ପାଉଥିବା ସ୍ଥାନୀୟ ସଂକ୍ରମଣ ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି। ଆଜି ଚିହ୍ନଟ ହୋଇଥିବା ୯ ଜଣଙ୍କ ମଧ୍ୟରୁ ସିମୁଳିଆ ଅଞ୍ଚଳର୨ ଜଣ, ଖଇରା ଅଞ୍ଚଳର ଜଣେ ଓ ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ଭାସ୍କରଗଞ୍ଜ ଅଞ୍ଚଳର ଜଣେ ବାହାର ରାଜ୍ୟ ଫେରନ୍ତା କ୍ୱାରେଣ୍ଟାଇନ୍‌ରେ ଥିବା ବେଳେ ଅନ୍ୟ ୫ ଜଣ ସ୍ଥାନୀୟ ସଂକ୍ରମଣ ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ଜଳେଶ୍ୱର ଅଞ୍ଚଳର ୨ଜଣ ଥିବା ବେଳେ ରେମୁଣା, ସଦର ଓ ବାଲେଶ୍ୱର ପୌରପାଳିକା ଅଞ୍ଚଳର ଜଣେ ଲେଖାଏଁ ଥିବା ଜରାଯାଇଛି। ତେବେ ଏହି ୫ ଜଣ ଯାକ ସ୍ଥାନୀୟ ସଂକ୍ରମଣ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ପଜିଟିଭ୍ ହୋଇଥିବା ପ୍ରଶାସନ କ୍ଷରୁ ସୂଚନା ଦିଆଯାଇଛି। ସେମାନଙ୍କ ମଧ୍ୟରୁ ଜଳେଶ୍ୱର ସୁଖଦୁଖିଆ ଅଞ୍ଚଳରୁ ୨ ଜଣ, ସୋର ଅଞ୍ଚଳରୁ ଜଣେ ଓ ନୀଳଗିରିର ତିନିଦେଶ, ହାଟଗଡ଼ିଆ ଏବଂ ନଈଛଣପୁର ଅଞ୍ଚଳରୁ ଜଣେ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବାଲେଶ୍ୱର ଜିଲ୍ଲାରେ ବଢୁଥିବା କରୋନା ସଂକ୍ରମଣ ଉଭୟ ପ୍ରଶାସନ ଓ ଜନସାଧାରଣଙ୍କ ପାଇଁ ଏବେ ଚିନ୍ତାର କାରଣ ହୋଇଛି। ଏନେଇ ଶତ ପ୍ରତିଶତ କୋଭିଡ ନିୟମ ପାଳନ ପାଇଁ ପ୍ରଶାସନ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଉଛି।

'ସବୁଜ ସାହଯ୍ୟ'ପକ୍ଷରୁ ଚାରା ରୋପଣ-ବୃକ୍ଷ ଯତ୍ନ କର୍ମଶାଳା

ବାଲେଶ୍ୱର,୨୩।୭ (ନି.ପ୍ର): ବାଲେଶ୍ୱରର ପ୍ରକୃତିମିତ୍ର ପୁରସ୍କାରପ୍ରାପ୍ତ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ସବୁଜ ସାହଯ୍ୟ' ପକ୍ଷରୁ ବୃକ୍ଷଚାରା ରୋପଣ ଓ ଏହାକୁ ବଞ୍ଚାଇ ରଖିବାର କୌଶଳ ସମ୍ପର୍କିତ ଏକ କର୍ମଶାଳା ସ୍ଥାନୀୟ ଜିଲ୍ଲାସ୍କୁଲ ପଛ ପଡ଼ିଆରେ ଆଜି ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ସମାଜସେବୀ ରଘୁନାଥ ଲେଙ୍କାଙ୍କ ସମେତ ଇକବାଲ ଖାନ୍, କାହ୍ନୁଚରଣ ଲେଙ୍କା, ମନ୍ମଥ ପାଲ, ଲାଲ ମୋହନ ଜେନା, ରଘୁନାଥ ବେହେରା, ପ୍ରିୟଦର୍ଶନ କବି ପ୍ରମୁଖ ଏହି କର୍ମଶାଳାରେ ଯୋଗଦେଇ ବର୍ଷେ ପୂର୍ବରୁ ଲଗାଯାଇଥିବା ଗଛର ଯତ୍ନ ନେବା ସହିତ ନୂଆ ଚାରା ରୋପଣ କରିଥିଲେ। ସାମ୍ପ୍ରତିକ ସ୍ଥିତିରେ ଅସୁରକ୍ଷିତ ପରିବେଶ ଯୋଗୁଁ ପ୍ରକୃତି ଅସନ୍ତୁଳନ ହୋଇ ଚାଲିଥିବା ବେଳେ ଅଧିକରୁ ଅଧିକ ବୃକ୍ଷରୋପଣ ଓ ଜଙ୍ଗଲ ସୃଷ୍ଟିର ଆବଶ୍ୟକତା ଉପରେ ସଭାପତି ଶ୍ରୀ ଲେଙ୍କା ଗୁରୁତ୍ୱାରୋପ କରିଥିଲେ। ସବୁଜ ସାହାଯ୍ୟ ପକ୍ଷରୁ ଆଗାମୀ ଦିନରେ ଏହି ଧାରା ବଜାୟ ରହିବ ବୋଲି ସେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଧୁସେଠୀ, ଯଦୁ ସେଠୀ, ସୌମେନ୍ଦ୍ର ଦାସ, ଶୁଭେନ୍ଦ୍ର ଦାସ, ପ୍ରଦୀପ ଶତପଥୀ, ଗିରିଜା ଦାସ, ଅନ୍ତର୍ଯ୍ୟାମୀ ଦାସ, ରୂପକ ଦାସ, ଶଭ୍‌କ ମାରାଣ୍ଡି, ରମାକାନ୍ତ ମହାନ୍ତି, ବିପିନ ମହାନ୍ତି ପ୍ରମୁଖ୍ ଏଥିରେ ଯୋଗଦେଇ କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ।

ରାଇବଣିଆ ସେବା ସମବାୟ ସମିତିରେ ଟୋକନ୍‌ପ୍ରାପ୍ତ ଚାଷୀ ଧାନ ବିକ୍ରିରୁ ବଂଚିତ

ଜଳେଶ୍ୱର,୨୩।୭ (ନି.ପ୍ର): ଆଦିବାସୀ ଅଧ୍ୟୁସୀତ ରାଇବଣିଆ ଥାନା ଅନ୍ତର୍ଗତ ରାଇବଣିଆ ସେବା ସମବାୟ ସମିତିରେ ପ୍ରାୟ ୪ଶହ ଚାଷୀ ଧାନ ବିକ୍ରିଲାଗି ପଂଜିକରଣ କରିଥିଲେ ମଧ୍ୟ ବହୁଚାଷୀ ସେଥିରୁ ବଂଚିତ ହୋଇଛନ୍ତି । ନିୟମ ଅନୁଯାୟୀ ସମସ୍ତ ଟୋକନ୍‌ପ୍ରାପ୍ତ ଚାଷୀ ଧାନବିକ୍ରୟ କରିବା କଥା । କିନ୍ତୁ ନାହା ନ କରି କେତେକଙ୍କ ଠାରୁ ୩୦ପ୍ରତିଶତ ତ ଅନ୍ୟ କେତେକଙ୍କ ଠାରୁ ୭୫ ପ୍ରତିଶତ ବିକ୍ରି କରିଥିଲେ ମଧ୍ୟ ସମସ୍ତ ଧାନ କିଣାଯାଇପାରିନାହିଁ । କେତେକ ଚାଷୀ ଘରୋଇ କ୍ରେତା ଠାରୁ କ୍ରୟ କରି ମଣ୍ଡିରେ ବିକ୍ରି କରିଥିବା ଅଭିଯୋଗ ହୋଇଛି । ପୁଣି ଚାଷୀଙ୍କଠାରୁ କ୍ୟୁଣ୍ଟାଲ ବିଛା ୭-୮ କେଜି ଧାନ କଟିନି ଛଟିନି ହେଉଥିବାର ତଥା ଧାନବୁରା ଚାଷୀଙ୍କୁ କିଣିବାକୁ ପଡୁଥିବାରୁ ଏ ସମସ୍ତ ବିଷୟରେ କର୍ତ୍ତୃପକ୍ଷ ନ୍ୟାୟ ଦେବାକୁ ଅଭିଯୋଗ ହୋଇଛି । ଅନ୍ୟଥା ଆସନ୍ତା ୩୦ ତାରିଖରେ ରାଇବଣିଆ ସେବା ସମବାୟ ସମିତିର ତାଲା ପକାଇବାର ଚାଷୀମାନେ ସ୍ଥିର କରିଥିବାର ସେମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତଭାବେ ଜଣାଇଛନ୍ତି । ଏଥିରେ ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ ସୁକୁମାର ଘୋଷ, ସଂଜୟ କୁମାର ଜେନା, ଚିଦାନନ୍ଦ ଘୋଷ, ମାନସ କୁମାର , ମହିରତନ ସୁକୁଲୁ, ରାମଚନ୍ଦ୍ର ଗାନ୍ଧି, କାହ୍ନୁ ଚରଣ ଗାନ୍ଧି, ନୃସିଂହ ଜେନା, ଉତ୍ତମ ଦାସ, ଗୋକୁଳ ନନ୍ଦନ ଘୋଷ, ଭୂବନ ଚରଣ ମହାନ୍ତି ପ୍ରମୁଖ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

ରେଳ ଘରୋଇକରଣର ପ୍ରତିବାଦ : କେନ୍ଦ୍ର ସରକାରଙ୍କ ବିରୋଧରେ 'ସିଆଇଟିୟୁ'ର ବିକ୍ଷୋଭ

ବାଲେଶ୍ୱର,୨୩।୭ (ନି.ପ୍ର): ସର୍ବାଧିକ ଲାଭରେ ଚାଲିଥିବା ଦେଶର ରେଳ ବିଭାଗକୁ କେନ୍ଦ୍ର ସରକାର ଘରୋଇକରଣ କରିବା ପ୍ରତିବାଦରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ସିଆଇଟିୟୁ (ସିଟୁ) ପକ୍ଷରୁ ବାଲେଶ୍ୱର ରେଳଷ୍ଟେସନ ସମ୍ମୁଖରେ ଆଜି ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। ସିଟୁ ବାଲେଶ୍ୱର ଜିଲ୍ଲା କମିଟି ସମ୍ପାଦକ ବିଜୟ ପାତ୍ର ଓ ରାଜ କିଶୋର ଲେଙ୍କାଙ୍କ ନେତୃତ୍ୱରେ ଆୟୋଜିତ ବିକ୍ଷୋଭ ସମାବେଶରେ ରାଜ୍ୟ କମିଟି ସଦସ୍ୟ ନିକୁଞ୍ଜ ବସନ୍ତ ରାୟ, ଶ୍ୟାମସୁନ୍ଦର ଜେନା, ଅସିତ୍ ବରଣ ଦାସ, ଏମ କେ ଡି ମଜୁମଦାର, ନିର୍ମଳ ନାୟକ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ କାର୍ଯ୍ୟଧାରାକୁ ତୀବ୍ର ସମାଲୋଚନା କରିଥିଲେ। ମହାମାରୀ କରୋନା ସଂକ୍ରମଣ ଯୋଗୁଁ ଦେଶରେ ସଙ୍ଗୀନ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଶ୍ରମଜୀବୀମାନେ ଜୀବିକା ହରାଇ ଚାଲିଛନ୍ତି। ଏଭଳି ସ୍ଥିତିରେ କେନ୍ଦ୍ର ସରକାର ଲାଭରେ ଚାଲୁଥିବା ଭାରତୀୟ ରେଳ ବିଭାଗକୁ ଘରୋଇକରଣ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ବକ୍ତାମାନେ କହିଥିଲେ। ପ୍ରଥମ ପର୍ଯ୍ୟାୟରେ ସରକାର ଦେଶର କେତେକ ବଡ଼ ରେଳଷ୍ଟେସନ ସହିତ ରେଲୱେର ଅନ୍ୟାନ୍ୟ ବିଭାଗକୁ ଘରୋଇକରଣ କରିଛନ୍ତି। ଆଗାମୀ ଦିନରେ ଏହି ସଂଖ୍ୟା ବୃଦ୍ଧି ସହ ଦେଶର ଅଧାରୁ ଅଧିକ ଷ୍ଟେସନ ସମେତ ବହୁ ବିଭାଗକୁ ସରକାର ଘରୋଇକରଣ କରିବାର ଯୋଜନା ରହିଥିବା ସିଟୁର କର୍ମକର୍ତ୍ତା କହିଛନ୍ତି। ଏହା ଦ୍ୱାରା ଆଗାମୀ ଦିନରେ ଅଧିକରୁ ଅଧିକ ଶ୍ରମିକ ଜୀବିକା ହରାଇବାର ଆଶଙ୍କା ଦେଖାଯାଇଛି। ସରକାର ତୁରନ୍ତ ଏହି ତ୍ରୁଟିପୂର୍ଣ୍ଣ ନିଷ୍ପତିରୁ ନ ଓହରିଲେ ଆଗାମୀ ଦିନରେ ସିଟୁ ଆନ୍ଦୋଳନ ଆହୁରି ତୀବ୍ର କରିବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଏହି ଅବସରରେ ସଂଗଠନ ପକ୍ଷରୁ ଡିଆରଏମଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ଏକ ସ୍ମାରକପତ୍ର ବାଲେଶ୍ୱର ଷ୍ଟେସନ ମ୍ୟାନେଜରଙ୍କୁ ପ୍ରଦାନ କରାଯାଇଥିଲା। ବିନୋଦ ଜେନା, ଗୌରଶ୍ୟାମ ମହାନ୍ତି, ରବି ସିଂ, ପରମାନନ୍ଦ ବେହେରା, ସୁଶାନ୍ତ ସାହୁ, ମହେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ଆଜିର ବିକ୍ଷୋଭ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ରାସନ୍ ବଣ୍ଟନ ଓ ଭ୍ରାମ୍ୟମାଣ ଏଟିଏମ୍ ସେବା ବ୍ୟବସ୍ଥା

ଜଳେଶ୍ୱର,୨୩।୭ (ନି.ପ୍ର): ଆଜି ଜଳେଶ୍ୱର ମ୍ୟୁନିସିପାଲଟିର କଣ୍ଟେନ୍‌ମେଣ୍ଟ ଜୋନ୍ ଦେଉଳି ପଂଚୁଘଣ୍ଟାରେ ଖାଉଟି ସାମଗ୍ରୀ ବଣ୍ଟନ କରାଯାଇଛି । ଆଜି ୮ ପରିବାରର ୩୦ଜଣଙ